୧୪-୨୦ ସେପ୍ଟେମ୍ବର , ୨୦୨୫

ରବିବାର
ସକାଳ
THE SAKALA
# ସିନ୍ଦୁରା

- ପାରିବାରିକ ହିଂସା
- ମନସ୍ତାତ୍ତ୍ୱିକ ଦୃଷ୍ଟିରୁ ଘରୋଇ ହିଂସା
- ଘରୋଇ ହିଂସା: ଏକ ସାମାଜିକ ବ୍ୟାଧି
- ଘରୋଇ ହିଂସା ଓ ମହିଳା
- ଘରୋଇ ହିଂସାର କାରଣ ଓ ପ୍ରତିକାର



# ସଂପର୍କରେ ଫାଟ



ପରିବାର ଗଠନର ମୂଳ ଉଦ୍ଦେଶ୍ୟ ସାମାଜିକ ଶୃଙ୍ଖଳା ଓ ସୁରକ୍ଷା । ଯେଉଁଠି ସମସ୍ତେ ନିରନ୍ତର ପରସ୍ପର ସ୍ନେହ ଓ ମମତାର ରୁଜ୍ଜୁରେ ବାନ୍ଧି ହୋଇ ସୁରକ୍ଷିତ ରହିଥାନ୍ତି । ତେବେ ଯେତେବେଳେ ପରିବାରର ଜଣେ ସଦସ୍ୟ ଦ୍ୱାରା ଆଉ ଜଣେ ସଦସ୍ୟ ହିଂସା ବା ନିର୍ଯାତନାର ଶିକାର ହୁଏ, ସାଧାରଣତଃ ତାକୁ ଆମେ ଘରୋଇ ହିଂସା କହିଥାଉ । ଘରୋଇ ଶବ୍ଦର ପ୍ରୟୋଗ ସେତେବେଳେ କରାଯାଏ, ଯେତେବେଳେ ଅପରାଧୀ ଓ ପୀଡ଼ିତ ମଧ୍ୟରେ ଘନିଷ୍ଠ ପାରିବାରିକ ସମ୍ବନ୍ଧ ରହିଥାଏ । ଘରୋଇ ହିଂସା ବା ପାରିବାରିକ ହିଂସା ପ୍ରାୟ ସବୁ ସମାଜରେ ଊଣା ଅଧିକେ ରହିଛି । ଏହା କେବଳ ଅଳ୍ପ ବିକଶିତ ଦେଶର ସମସ୍ୟା ନୁହେଁ, ଏହା ବିକାଶଶୀଳ ରାଷ୍ଟ୍ରର ମଧ୍ୟ ସମସ୍ୟା । ପରିବାର ଜଣେ ସଦସ୍ୟଙ୍କୁ ଶାରୀରିକ ନିର୍ଯାତନା, ଭାବନାତ୍ମକ ଶୋଷଣ, ମାନସିକ ନିର୍ଯାତନା, ଆର୍ଥିକ ଶୋଷଣ, ଗାଳିଗୁଲଜ କରିବା, ଆକ୍ଷେପ କରି କହିବା ଆଦି ଘରୋଇ ହିଂସା ଅନ୍ତର୍ଭୁକ୍ତ ।

ପ୍ରତିବର୍ଷ ଘରୋଇ ନିର୍ଯାତନା ମାମଲା ବଢ଼ିବାରେ ଲାଗିଛି । ଯାହାକୁ ନେଇ ସମାଜର ସଚେତନ ବ୍ୟକ୍ତି ଓ ବୁଦ୍ଧିଜୀବୀମାନେ ଚିନ୍ତା ପ୍ରକଟ କରିଛନ୍ତି । ଏଭଳି ବର୍ବରୋଚିତ କାର୍ଯ୍ୟ କେବଳ ଗ୍ରାମାଞ୍ଚଳରେ ନୁହେଁ, ସହର, ମହାନଗରକୁ ମଧ୍ୟ ବ୍ୟାପିବାରେ ଲାଗିଛି । ସମାଜରେ ଲିଙ୍ଗ, ଜାତି, ବର୍ଣ୍ଣ, ବୟସ, ଧନୀ, ଗରିବ, ଶିକ୍ଷିତ, ଅଶିକ୍ଷିତ ଊର୍ଦ୍ଧ୍ୱରେ ସମସ୍ତେ ଏଭଳି ନିର୍ଯାତନାର ଶିକାର ହେଉଛନ୍ତି । ବିଶେଷ କରି ମହିଳାମାନେ ଅଧିକ ସଂଖ୍ୟାରେ ଘରୋଇ ନିର୍ଯାତନାର ଶିକାର ହୋଇଥାନ୍ତି । ଘରୋଇ ହିଂସାର ଶିକାର ହେଉଥିବା ମହିଳା, ଶିଶୁ, ବୃଦ୍ଧବୃଦ୍ଧାଙ୍କୁ ଶାରୀରିକ, ମାନସିକ, ଆର୍ଥିକ କ୍ଷତି ସହିବାକୁ ପଡ଼ିଥାଏ । ମହିଳାମାନଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ୨୦୦୫ ମସିହାରେ ଘରୋଇ ହିଂସା ଆଇନ ପ୍ରଣୟନ ହୋଇଛି । ବର୍ତ୍ତମାନ ଘରୋଇ ହିଂସା ଏକ ସାମାଜିକ ବ୍ୟାଧି ପାଲଟି ଯାଇଛି । ଏହି ପରିପ୍ରେକ୍ଷୀରେ ଘରୋଇ ହିଂସାର କାରଣ, ପ୍ରତିକାର, ପୀଡ଼ିତଙ୍କ ପାଇଁ କ'ଣ ରହିଛି ଆଇନ ଆଦି ବିଭିନ୍ନ ଦିଗକୁ ନେଇ ଏଥର 'ସିନ୍ଦୂରା'ର ସ୍ୱତନ୍ତ୍ର ଉପସ୍ଥାପନା :

# ସଂପର୍କରେ ଫାଟ

ପ୍ରସ୍ତୁତି 'ସକାଳ' ବ୍ୟୁରୋ





## କେମିତି କଟିବ ସପ୍ତାହ


**ମେଷ**
ରବି, ସୋମ, ମଙ୍ଗଳବାରରେ ଆଳସ୍ୟ ଯୋଗୁଁ କାର୍ଯ୍ୟରେ ବିଳମ୍ବ କରିପାରନ୍ତି । ନିଜ ବୁଦ୍ଧି ବଳରେ ପରିସ୍ଥିତିକୁ ସମ୍ଭାଳି ନେବେ । ବୁଧ, ଗୁରୁବାରରେ ଖର୍ଚ୍ଚାନ୍ତ ହେବେ । ଶୁକ୍ର, ଶନିବାରରେ ଅନ୍ୟକୁ ସାହାଯ୍ୟ କରି ସନ୍ତୋଷ ପାଇବେ ।


**ବୃଷ**
ରବି, ସୋମ, ମଙ୍ଗଳବାରରେ ଆର୍ଥିକ ସ୍ୱଚ୍ଛଳତା ଦେଖାଦେବ । ବୁଧ, ଗୁରୁବାରରେ ଦାମ୍ପତ୍ୟ ଜୀବନ ସୁଖମୟ ରହିବ । ଦିନଚର୍ଯ୍ୟା ବିଳାସମୟ ରହିବ । ଶୁକ୍ର, ଶନିବାରରେ ପରିବାରଠାରୁ ସହଯୋଗ ପାଇନପାରନ୍ତି । ବ୍ୟବସାୟରେ ଉନ୍ନତି ପାଇଁ ସାଙ୍ଗସାଥୀଙ୍କ ସହଯୋଗ ପାଇବେ ।



**ମିଥୁନ**
ରବି, ସୋମ, ମଙ୍ଗଳବାରରେ ଭୂସମ୍ପତ୍ତି କ୍ରୟ କରିବାର ଯୋଗ ରହିଛି । ବିଭିନ୍ନ କ୍ଷେତ୍ରରେ ସଫଳତା ପାଇବେ । ବୁଧ, ଗୁରୁବାରରେ ନିଜ ବ୍ୟବହାରରେ ସଂଯମତା ରକ୍ଷା କରନ୍ତୁ । ଶୁକ୍ର, ଶନିବାରରେ ଅତିଥି ଚର୍ଚ୍ଚାରେ ସମୟ କଟିବ । ସହକର୍ମୀଙ୍କ ସହଯୋଗ ପାଇ ଆଗକୁ ବଢ଼ିବେ ।


**କର୍କଟ**
ରବି, ସୋମ, ମଙ୍ଗଳବାରରେ କୌଣସି ଖବର ପାଇ ଉତ୍ସାହିତ ରହିବେ । ବନ୍ଧୁବାନ୍ଧବଙ୍କ ସହଯୋଗ ମିଳିବ । ବୁଧ, ଗୁରୁବାରରେ ଅଯଥା ଖର୍ଚ୍ଚ ପାଇଁ ଅଭାବ ଓ ଅସୁବିଧା ଭୋଗିବେ । ଶୁକ୍ର, ଶନିବାରରେ ଧର୍ମ କାର୍ଯ୍ୟରେ ମନ ବଳାଇବେ ।


**ସିଂହ**
ରବି, ସୋମ, ମଙ୍ଗଳବାରରେ ସ୍ୱାସ୍ଥ୍ୟରେ ଅବନତି ଦେଖାଦେଇ ପାରେ । ଅଯଥା କଥାରେ ମୁଣ୍ଡ ପୂରାଇ ସମସ୍ୟାରେ ପଡ଼ିବେ । ବୁଧ, ଗୁରୁବାରରେ କର୍ମ ପରିସର ବୃଦ୍ଧି ପାଇବ । ସାଙ୍ଗସାଥୀଙ୍କ ସହ ଦୂରଯାତ୍ରାରେ ଯାଇପାରନ୍ତି । ଶୁକ୍ର, ଶନିବାରରେ ଜୀବନରେ ପରିବର୍ତ୍ତନ ଦେଖାଦେବ ।


**କନ୍ୟା**
ରବି, ସୋମ, ମଙ୍ଗଳବାରରେ ଦ୍ୱନ୍ଦ୍ୱରେ ପଡ଼ି ନିଷ୍ପତ୍ତି ନିଅନ୍ତୁ ନାହିଁ । ସନ୍ତାନମାନଙ୍କୁ ନେଇ ଚିନ୍ତାରେ ରହିବେ । ବୁଧ, ଗୁରୁବାରରେ ମହିଳାମାନେ ଚଳଚଞ୍ଚଳ ରହିବେ । ଶୁକ୍ର, ଶନିବାରରେ ଅତିଥିଙ୍କ ଆଗମନ ହୋଇପାରେ । ବ୍ୟବସାୟିକ ସଫଳତା ମିଳିବ ।


**ତୁଳା**
ରବି, ସୋମ, ମଙ୍ଗଳବାରରେ ମହିଳାମାନେ ଦୃଢ଼ମନା ହେବେ । ଆର୍ଥିକ ସ୍ଥିତି ସ୍ୱଚ୍ଛଳ ରହିବ । ବୁଧ, ଗୁରୁବାରରେ ଦାମ୍ପତ୍ୟ ଜୀବନ ସୁଖମୟ ରହିବ । ଶୁକ୍ର, ଶନିବାରରେ ବ୍ୟବସାୟରେ କ୍ଷତି ସହିବାକୁ ପଡ଼ିପାରେ । ଛାତ୍ରଛାତ୍ରୀ କ୍ୟାରିୟରକୁ ନେଇ ଚିନ୍ତିତ ରହିବେ ।


**ବିଛା**
ରବି, ସୋମ, ମଙ୍ଗଳବାରରେ ପାରିବାରିକ ଅଶାନ୍ତି ବଢ଼ିବାକୁ ଲାଗିବ । ଦ୍ରବ୍ୟହାନି ସହ ଅର୍ଥଚିନ୍ତା ରହିବ । ବୁଧ, ଗୁରୁବାରରେ ନୂତନ ନିଯୁକ୍ତି ସୁଯୋଗ ଦେଖାଦେଇ ପାରେ । ଶୁକ୍ର, ଶନିବାରରେ ପରିଶ୍ରମ କରି ସଫଳତା ପାଇବେ । ଜୀବନ ସାଥୀଙ୍କ ସହ ନିବିଡ଼ତା ବଢ଼ିବ ।



**ଧନୁ**
ରବି, ସୋମ, ମଙ୍ଗଳବାରରେ ବନ୍ଧୁଙ୍କ ପାଇଁ ଅଡୁଆ ପରିସ୍ଥିତିରୁ ମୁକୁଳି ପାରିବେ । ବ୍ୟବସାୟିକ କାର୍ଯ୍ୟରେ ଦୂରଯାତ୍ରା କରିପାରନ୍ତି । ବୁଧ, ଗୁରୁବାରରେ ଠକାମିର ଶିକାର ହୋଇପାରନ୍ତି । ଶୁକ୍ର, ଶନିବାରରେ ବ୍ୟବସାୟିକ ଲାଭାନ୍ୱିତ ହେବେ । ଅଟକି ରହିଥିବା କାର୍ଯ୍ୟ ପୂରଣ ହେବ ।


**ମକର**
ରବି, ସୋମ, ମଙ୍ଗଳବାରରେ ସନ୍ତାନମାନଙ୍କୁ ନେଇ ଚିନ୍ତାରେ ରହିବେ । ବୁଧ, ଗୁରୁବାରରେ କାର୍ଯ୍ୟବ୍ୟସ୍ତତାରେ ରହି ଅସୁସ୍ଥତା ମନେ କରିବେ । ଗୁରୁଜନଙ୍କ ସହଯୋଗ ମିଳିବ । ଶୁକ୍ର, ଶନିବାରରେ ସମାଜରେ ମାନସମ୍ମାନ ବୃଦ୍ଧି ପାଇବେ । ବ୍ୟବସାୟ ଆଶାନୁରୂପକ ହେବ ।


**କୁମ୍ଭ**
ରବି, ସୋମ, ମଙ୍ଗଳବାରରେ ଅର୍ଥଚିନ୍ତା ଲାଗିରହିବ । କର୍ମକ୍ଷେତ୍ରରେ ଶତ୍ରୁବୃଦ୍ଧି ହୋଇପାରନ୍ତି । ବୁଧ, ଗୁରୁବାରରେ କାର୍ଯ୍ୟସଫଳ, ସାମାଜିକ ପ୍ରତିଷ୍ଠା ବୃଦ୍ଧି ପାଇବ । ଶୁକ୍ର, ଶନିବାର ଦୀର୍ଘଦିନର ସ୍ୱପ୍ନ ସାକାର ହେବା ସହ ସୁଖୀ ଜୀବନ କଟାଇବେ ।


**ମୀନ**
ରବି, ସୋମ, ମଙ୍ଗଳବାରରେ କାର୍ଯ୍ୟସିଦ୍ଧି, ସୁଖ ସମ୍ମାନ ପ୍ରାପ୍ତି ହେବ । ବୁଧ, ଗୁରୁବାରରେ ଆୟ ବୃଦ୍ଧି ପାଇବ । ଭବିଷ୍ୟତ ପାଇଁ ଯୋଜନା କରିବେ । ଶୁକ୍ର, ଶନିବାରରେ ପରିବାର ମଧ୍ୟରେ ତିକ୍ତତା ଦେଖାଦେଇପାରେ । ବ୍ୟବସାୟ ମାନ୍ଦା ରହିବ ।

ନନ୍ଦିଘୋଷ ନେଟୱର୍କ ପ୍ରାଇଭେଟ୍ ଲିମିଟେଡ୍
ଇଡ୍‌କୋ ପ୍ଲଟ୍ ନଂ: ୯୦ - ୯୧, ଭଗବାନପୁର ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍, ଭୁବନେଶ୍ୱର-୭୫୧୦୧୯
ଇ-ମେଲ୍ : feature@thesakala.com



ଡକ୍ଟର ମୌସୁମୀ ପରିଡ଼ା

# ପାରିବାରିକ ହିଂସା



ଭକ୍ତକବି ମଧୁସୂଦନ ରାଓଙ୍କ ଭାଷାରେ – "ବୈକୁଣ୍ଠ ସମାନ ଆହା ଅଟେ ସେହି ଘର, ପରସ୍ପର ସ୍ନେହ ଯହିଁ ଥାଏ ନିରନ୍ତର ।" ଆମ ସଂସ୍କୃତିରେ ପରିବାରର ଭୂମିକା ବେଶ୍ ଗୁରୁତ୍ୱପୂର୍ଣ୍ଣ । ସନ୍ତାନର ପାଳନପୋଷଣଠାରୁ ଆରମ୍ଭ କରି ବୟସ୍କଙ୍କୁ ସ୍ନେହ ଆଦର, ସେବାଯତ୍ନ ଯୋଗାଇଦେବା ଓ ଭାଇ-ଭଉଣୀ ତଥା ଭାଇ-ଭାଇ ଭିତରେ ପାରସ୍ପରିକ ସହାନୁଭୂତି ଓ ସହଯୋଗ ପର୍ଯ୍ୟନ୍ତ ସବୁକିଛି ପରିବାର ଗଠନର ମୂଳ ଭିତ୍ତି ବୋଲି କୁହାଯିବ । ଶିଶୁର ଲାଳନପାଳନରେ ବାପାମାଆଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ହେଲେ ବି ପରିବାରର ଅନ୍ୟାନ୍ୟ ସଦସ୍ୟ ଯଥା- ଜେଜେ, ଜେଜେ ମାଆ ଓ ଅନ୍ୟମାନଙ୍କ ଭୂମିକା ବି କିଛି କମ୍ ନୁହେଁ । ସେଥିପାଇଁ ଆଗକାଳରେ ଯୌଥ ପରିବାରର ବଡ଼ ଭୂମିକା ଥିଲା । ସଂପର୍କର ବିଭିନ୍ନ ଭାଗମାପ ବଜାୟ ରହିଥିଲା । ସାନମାନେ ବଡ଼ମାନଙ୍କୁ ଆଦର ସମ୍ମାନ କରୁଥିବାବେଳେ ବଡ଼ମାନେ ସ୍ନେହ ଓ ଅନୁଶାସନରେ ସାନମାନଙ୍କ ଚରିତ୍ର ଗଠନ କରୁଥିଲେ । ଉଦାରତା, ତ୍ୟାଗ, କର୍ତ୍ତବ୍ୟପରାୟଣତା ଦ୍ୱାରା ବୃହତ୍ ପରିବାରଗୁଡ଼ିକ ତିଷ୍ଠି ରହୁଥିଲା । କାଳକ୍ରମେ ସେଥିରେ ସ୍ୱାର୍ଥପରତା, ଛଳନା, କୁଟିଳତା ପରିଲକ୍ଷିତ ହେବାରୁ ଯୌଥ ପରିବାର ଏକାନ୍ନବର୍ତ୍ତୀ ପରିବାରରେ ପରିଣତ ହେଲା । ଯେଉଁଠି ନା ରହିଲା ପାରସ୍ପରିକ ସାହାଯ୍ୟ କିମ୍ବା ସହଯୋଗ । ଅଧିକ ସୁଖ ପାଇବାକୁ ଯାହା କରାଗଲା ସେଥିରେ ବି ସୁଖୀ ହୋଇପାରିଲେନି କେହି । ଫଳରେ ଦିନକୁ ଦିନ ପରିବାରଗୁଡ଼ିକ ବିଶୃଙ୍ଖଳିତ ହେବାରେ ଲାଗିଛି । ତେଣୁ ଘରୋଇ ହିଂସା ମଧ୍ୟ ବଢ଼ି ବଢ଼ି ଚାଲିଛି ।

## ପିଲାମାନଙ୍କ ଲାଳନପାଳନ ସମସ୍ୟା

ଏକାନ୍ନବର୍ତ୍ତୀ ପରିବାରଗୁଡ଼ିକରେ ବି ଅନେକ ସମସ୍ୟା ରହିଛି । କର୍ମଜୀବୀ ପିତାମାତାମାନେ ପିଲାମାନଙ୍କର ଉପଯୁକ୍ତ ଲାଳନପାଳନ କରିପାରୁନଥିବାରୁ ସେମାନଙ୍କ ନୈତିକ ବିକାଶ ସମ୍ଭବପର ହୋଇପାରୁ ନାହିଁ । ସେଥିପାଇଁ ସଂପର୍କର ବିବିଧତା ଓ ମଧୁରତାକୁ ପରପିଢ଼ିମାନେ ବୁଝିବାକୁ ଅକ୍ଷମ । ସେମାନଙ୍କ ଭିତରେ ଥିବା ନମନୀୟତା ଓ ଚେତନାଶକ୍ତିର ଅଭାବ ଠିକ୍ ଭୁଲ୍ ନିର୍ଣ୍ଣୟ କରିବାରେ ବାଧକ ସାଜିଛି । ବାପାମାଆଙ୍କ ବ୍ୟସ୍ତବିବ୍ରତ ଜୀବନଶୈଳୀ ଓ ପିଲାମାନଙ୍କ ପାଠଚାପ ଭିତରେ ପେଷି ହୋଇ ପାରିବାରିକ ମୂଲ୍ୟବୋଧ ତା'ର ମଧୁରତା ହରାଇ ବସିଛି । କହିବା ବାହୁଲ୍ୟ ଅନୁଶାସନହୀନ ପିଲାମାନେ ବିପଥଗାମୀ ହେବାରେ ପିତାମାତାଙ୍କ ଭୂମିକା ବି କମ୍ ନୁହେଁ ।

## କର୍ମସ୍ଥଳୀର ଚାପ


ଆଜିକାଲି କର୍ମସ୍ଥଳୀରେ ବୃଦ୍ଧି ପାଉଥିବା ଚାପ ଗୋଟେ ସ୍ୱାଭାବିକ ପାରିବାରିକ ଜୀବନ ବଞ୍ଚିବାରେ ପ୍ରତିବନ୍ଧକ ସାଜିଛି ବୋଲି ଭୁଲ୍ ହେବ ନାହିଁ । ଘରର କର୍ମଚାରୀମାନଙ୍କ ଦ୍ୱାରା ଲାଳିତପାଳିତ ହୋଇ ପାରିବାରିକ ସ୍ନେହଶ୍ରଦ୍ଧାରୁ ବଞ୍ଚିତ ହେଉଥିବା ପିଲାମାନେ ଗୋଟେ ସମ୍ବେଦନହୀନ ସମାଜର ଅଂଶ ବନିଯାଉଛନ୍ତି! ତେଣୁ ସେମାନେ ସାମାଜିକ ଗଣମାଧ୍ୟମ ଓ ନିଶା କବଳରେ ପଡ଼ି ବିପଥଗାମୀ ହେଉଛନ୍ତି । ସାମାଜିକ ଗଣମାଧ୍ୟମର ନକାରାତ୍ମକତା ଦ୍ୱାରା ପ୍ରଭାବିତ ହେବା ଯୋଗୁଁ ପାରିବାରିକ ସୌହାର୍ଦ୍ଦ୍ୟପୂର୍ଣ୍ଣ ମୂଳଦୁଆଟି ଭୁଶୁଡ଼ି ପଡ଼ିଛି । କାରଣ ବାପାମାଆଙ୍କ ସ୍ଥାନ ଅନ୍ୟ କେହି ନେଇପାରିବେନି ।

## ଦାମ୍ପତ୍ୟ କଳହର ପରିଣାମ



ପାରିବାରିକ ମୂଲ୍ୟବୋଧର ଉଦାହରଣ ଦେଇ କୁହାଯାଏ ଯେ, ଦୁଇଟି ଧାରଣା ଉପରେ ସଂସାର ରୂପକ ରେଳଟି କେତେ ବାଙ୍କବୁଲାଣି ଦେଇ ଧାଇଁ ଚାଲିଥାଏ । ସେ ରେଳଧାରଣା ଭିତରୁ ଗୋଟିଏ ନାରୀ ହେଲେ ଅନ୍ୟଟି ପୁରୁଷ । ତେଣୁ ଉଭୟଙ୍କ ଭିତରେ ଭାରସାମ୍ୟ ରହିବା ଜରୁରି । ଚାକିରି ସମସ୍ୟା, ଉଚ୍ଚାଭିଳାଷ, ପରିବାରର ଛୋଟବଡ଼ ସମସ୍ୟା ଅନେକ ସମୟରେ ଦାମ୍ପତ୍ୟ ସୁଖରେ ଅନ୍ତରାୟ ସୃଷ୍ଟି କରୁଥିବାବେଳେ ସାମାଜିକ ଗଣମାଧ୍ୟମର ବହୁଳ ବ୍ୟବହାର ଜୀବନକୁ ବେଶ୍ ପ୍ରଭାବିତ କରିଛି । ବିବାହିତ ପୁରୁଷ କିମ୍ବା ମହିଳାଙ୍କର ଅନୈତିକ ସଂପର୍କ ବଢ଼ି ଉଠୁଥିବାରୁ ପାରିବାରିକ ସ୍ନେହ, ସୌହାର୍ଦ୍ଦ୍ୟ ଓ ବିଶ୍ୱାସର ସେତୁବନ୍ଧଟି ଭୁଶୁଡ଼ି ପଡୁଛି । ଦାମ୍ପତ୍ୟ ପ୍ରେମ, ଆବେଗ, ସହାନୁଭୂତି, ତ୍ୟାଗ, କର୍ତ୍ତବ୍ୟପରାୟଣତାର ରୂପରେଖ ଫିକା ପଡ଼ିଆସୁଥିବାରୁ ପରିବାରରେ କଳହ ସୃଷ୍ଟି ହେଉଛି, ଯେଉଁଥିରେ ସନ୍ତାନସନ୍ତତିଙ୍କ ସହିତ ବନ୍ଧୁବାନ୍ଧବ, ବୟସ୍କ ବାପାମାଆମାନେ ବି ପ୍ରଭାବିତ । ପିଲାମାନେ ନିଶାଦ୍ରବ୍ୟ ପ୍ରଭାବରେ ଅସାମାଜିକଙ୍କ ଦ୍ୱାରା ପରିଚାଳିତ ହୋଇ ଜାତୀୟ ସଂପତ୍ତି ନଷ୍ଟ କରିବା ସହିତ ନିଜ ବିପତ୍ତିକୁ ଡାକି ଆଣୁଛନ୍ତି ।

ସ୍ୱାମୀ ସ୍ତ୍ରୀ ଭିତରର ସମସ୍ୟା ଯେତେବେଳେ ଚାରିକାନ୍ଥ ଭିତରେ ସୀମାବଦ୍ଧ ନରହି ପଦାକୁ ଆସେ ସେତେବେଳେ ସେମାନଙ୍କ ସହିତ ଜଡ଼ିତ ଥିବା ସଦସ୍ୟମାନେ ଅଳ୍ପ ବହୁତେ ଆକ୍ରାନ୍ତ ହୋଇଥାନ୍ତି । ଆଗରୁ ନାରୀମାନଙ୍କ ଉପରେ ଘରୋଇ ହିଂସା ବୃଦ୍ଧି ପାଉଥିବାର ପରିଲକ୍ଷିତ ହେଉଥିଲା । ଏବେ କିନ୍ତୁ ସ୍ଥିତି ବଦଳିଛି । ଅନେକ କ୍ଷେତ୍ରରେ ପୁରୁଷମାନେ ବି ଘରୋଇ ହିଂସାର ଶିକାର ହେଉଛନ୍ତି । ନୀତିନିୟମ ଏକପାଖିଆ ହୋଇଥିବାରୁ ଏଭଳି ପରିବର୍ତ୍ତନ ଘଟୁଛି ବୋଲି କୁହାଯାଇପାରେ, ଯାହାର ଆବଶ୍ୟକୀୟ ସଂଶୋଧନ ଜରୁରି ।



## କର୍ମକ୍ଷେତ୍ରରେ ପ୍ରଭାବ

ପାରିବାରିକ ଅଶାନ୍ତିର ପ୍ରଭାବ କର୍ମକ୍ଷେତ୍ରରେ ବି ପ୍ରତିଫଳିତ ହୁଏ । ସାମାନ୍ୟ ମନୋମାଳିନ୍ୟ ବା ଅବୁଝାମଣା ଘରୋଇ କଳହ ବା ଘରୋଇ ହିଂସାର ରୂପ ନିଏ । ଅଶାନ୍ତ ମନରେ କାମ କରିବା ଦ୍ୱାରା ଭୁଲଭଟ୍‌କା ହେବା ସ୍ୱାଭାବିକ । କାର୍ଯ୍ୟସ୍ଥଳୀରେ ମନ ନଲାଗିଲେ କିମ୍ବା ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକୁ ଠିକ୍ ଭାବେ ତୁଲାଇ ନପାରିଲେ ପାରିବାରିକ ଜୀବନ ସହିତ ଚାକିରି ଜୀବନରେ ବି ଝଡ଼ ଉଠେ । ପାରିବାରିକ ଜୀବନ ଅଶାନ୍ତିକର ହେଲେ ସାମାଜିକ ଜୀବନ ଅସ୍ତବ୍ୟସ୍ତ ହୋଇଯାଏ । ସେହିପରି ସାମାଜିକ ଜୀବନ ବିପର୍ଯ୍ୟସ୍ତ ହେଲେ ମଣିଷ ଭାଙ୍ଗି ଯାଏ । ଯାହାର ପ୍ରଭାବ ପରିବାର, ପାଖପଡ଼ୋଶୀ ଓ ସମାଜ ଉପରେ ବି ପଡ଼ିଥାଏ । ଏସବୁ କିଛି ସମସ୍ୟା ପରସ୍ପରର ପରିପୂରକ । ପାରିବାରିକ ମନୋମାଳିନ୍ୟ ମନକୁ ଏତେ ବିଭ୍ରାନ୍ତ କରିଥାଏ ଯାହାଦ୍ୱାରା ଆକ୍ରାନ୍ତ-ମଣିଷ ନିଜକୁ ଆୟତ୍ତ କରିପାରେନା । ସହକର୍ମୀ, ବନ୍ଧୁବାନ୍ଧବଙ୍କ ପାଖରେ ଲଜ୍ଜିତ ହେବାକୁ ପଡ଼େ । ପତିପତ୍ନୀ ଉଭୟ କର୍ମଜୀବୀ ହୋଇଥିଲେ ତ ଅବସ୍ଥା ସାଂଘାତିକ ରୂପ ନିଏ । କେବେକେବେ ପରସ୍ପର ଭିତରେ ଥିବା ଆତ୍ମବଡ଼ିମା ନାମକ ଘୁଣପୋକଟି ପତିପତ୍ନୀ ଉଭୟଙ୍କ ଭିତରର ଅମୂଲ୍ୟ ସଂପର୍କଟିକୁ ଖାଇ ନଷ୍ଟ କରିଦିଏ । ଘରୋଇ ଅଶାନ୍ତି ଦ୍ୱାରା କର୍ମକ୍ଷେତ୍ର ପ୍ରଭାବିତ ହେଉଥିବାରୁ ଆର୍ଥିକ ପ୍ରଗତିରେ ବାଧା ଉପୁଜିବାର ଆଶଙ୍କାକୁ ଏଡ଼ାଇ ଦିଆଯାଇନପାରେ ।

## ଆତ୍ମହତ୍ୟା ପ୍ରବଣତା

ଏନ୍‌ସିଆର୍‌ବିର ତଥ୍ୟ ଅନୁଯାୟୀ ଓଡ଼ିଶାରେ ଆତ୍ମହତ୍ୟା ହାର ୨୦୨୦ ତୁଳନାରେ ୨୦୨୧ରେ ଉଦ୍‌ବେଗଜନକ ଭାବେ ୭.୨ ପ୍ରତିଶତ ବୃଦ୍ଧି ପାଇଛି । ଓଡ଼ିଶାରେ ଆତ୍ମହତ୍ୟା ହାର କମ୍ ଥିଲେ ମଧ୍ୟ ପାରିବାରିକ କ୍ଷେତ୍ରରେ ଅନ୍ୟରାଜ୍ୟ ତୁଳନାରେ ଅଧିକ । ଏନ୍‌ସିଆର୍‌ବିର ନୂତନ ତଥ୍ୟରେ ୨୦୨୨ ମସିହାରେ ୧.୭୧ ଲକ୍ଷ ଲୋକ ଆତ୍ମହତ୍ୟା କରିଛନ୍ତି । ଲକ୍ଷେ ଲୋକରେ ଆତ୍ମହତ୍ୟା ହାର ୧୨.୪ ପ୍ରତିଶତ । ପ୍ରକାଶ ଥାଉ କି ପାରିବାରିକ ସମସ୍ୟା, ବୃତ୍ତିଗତ ସମସ୍ୟା, ବୃଦ୍ଧି ପାଉଥିବା ଏକାକୀପଣ, ନିଶାଦ୍ରବ୍ୟ ବ୍ୟବହାର, ଅସଫଳ ବିବାହ, ସଂପତ୍ତି ବିବାଦ, ପ୍ରେମ ବ୍ୟାପାର, ଅଭାବ ଅନଟନ ଇତ୍ୟାଦି ପାରିବାରିକ ହିଂସାର ଗୋଟେ ଲେଖାଁଏ କାରଣ । କିନ୍ତୁ ଆଜିକାଲିର ପାରିବାରିକ ହିଂସା ଏତେ ପରିମାଣରେ ବୃଦ୍ଧି ପାଇଛି ଯାହା ପାଇଁ ଭାରତରେ ପ୍ରାୟ ୧୨ ପ୍ରତିଶତ ପିଲା ମାନସିକ ସ୍ତରରେ ଅସୁସ୍ଥ । ଅତିକମ୍ ବୟସରୁ ସେମାନେ ନିଶାସକ୍ତ ହେଉଥିବାରୁ ବିଭିନ୍ନ ହିଂସାତ୍ମକ କାର୍ଯ୍ୟକଳାପରେ ଲିପ୍ତ ରହୁଛନ୍ତି । ଅନେକ ସମୟରେ ସେମାନଙ୍କଠାରେ ଆତ୍ମହତ୍ୟା ପ୍ରବଣତା ପରିଲକ୍ଷିତ, ଯାହାର ନିରାକରଣ ଅତ୍ୟନ୍ତ ଜରୁରି ।



## ସଂପତ୍ତିକୁ ନେଇ ହିଂସା

ଭାଇ ଯେବେ ଭଗାରି ହୁଏ, ସେତେବେଳେ ଜମିବାଡ଼ିକୁ ନେଇ ପାରିବାରିକ ଅସନ୍ତୋଷ ଦାନା ବାନ୍ଧେ । କେବେକେବେ ସେ ଅସନ୍ତୋଷ ରକ୍ତାକ୍ତ ସଂଘର୍ଷରେ ପରିଣତ ହୁଏ । ପ୍ରାୟ ପ୍ରତିଦିନ ଖବରକାଗଜରେ ଏଭଳି ଖବରମାନ ପଢ଼ିବାକୁ ମିଳିଥାଏ । ଯାହା ପାଇଁ କୋର୍ଟ କଚେରି, ହଣାକଟା ପରି ଅଘଟଣମାନ ଘଟି ଚାଲେ । ବୃଦ୍ଧ ବାପମାଆମାନେ ପିଲାମାନଙ୍କ ଉପରୁ ନିୟନ୍ତ୍ରଣ ହରାଇ ହୃଦଥରା ଝଗଡ଼ାକୁ ନିରବରେ ଦେଖି ଅଶ୍ରୁମୋଚନ କରନ୍ତି କିମ୍ବା ସମାଧାନ କରିବାକୁ ଚେଷ୍ଟା କରନ୍ତି । କୋର୍ଟରେ ଏପରି ଅସଂଖ୍ୟ ମାମଲା ବିଚାରାଧୀନ ଭାବେ ପଡ଼ିରହିଛି । ଫଳରେ କେଉଁ ପକ୍ଷ ବି ଶାନ୍ତିରେ ସହାବସ୍ଥାନ କରିପାରୁନାହାନ୍ତି । ପେଷି ହେଉଛନ୍ତି ପରିବାର ଲୋକେ, ବୃଦ୍ଧ ପିତାମାତାମାନେ । ସେ ଗଣ୍ଡଗୋଳ ପୁରୁଷ ପୁରୁଷ ଧରି ଚାଲିଆସୁଛି, ସମାଧାନ ହୋଇପାରୁନି । କାଳକ୍ରମେ ଏ ହିଂସା ବାପାଠାରୁ ପୁଅକୁ, ପୁଅଠାରୁ ନାତି ପର୍ଯ୍ୟନ୍ତ ଗଡ଼ି ଆସୁଛି । ବାପା ପରେ ପୁଅ ବି ନିଜ ଅଧିକାର ପାଇଁ ଦାଦା କିମ୍ବା ବଡ଼ବାପା ବିପକ୍ଷରେ ଅସ୍ତ୍ର ଉଠାଉଛି, ଯାହା ସୁସ୍ଥ ସମାଜ ଗଠନ ପାଇଁ ଅନୁକୂଳ ନୁହେଁ । ଉଭୟ ପକ୍ଷକୁ କିଛି କିଛି ଲୋକ ସମର୍ଥନ କରୁଥିବାରୁ ଓ କୋର୍ଟକଚେରିରେ ଦୀର୍ଘଦିନ ଧରି ଏଭଳି ମାମଲା ପଡ଼ି ରହୁଥିବାରୁ ଘରୋଇ କଳି ସହଜେ ତୁଟୁ ନାହିଁ ।

## ଚଳଚ୍ଚିତ୍ର ଓ ଟିଭି ଧାରାବାହିକର ପ୍ରଭାବ

ମୋବାଇଲ୍‌ର ବହୁଳ ବ୍ୟବହାର ଅନେକ ସମସ୍ୟାର ମୂଳ ମଞ୍ଜି ପାଲଟିଛି! ସଂପର୍କହୀନ ଏକଲାପଣରେ ଜୀବନକୁ ଭାରାକ୍ରାନ୍ତ କରିଦେଇଛି ଏ ଛୋଟିଆ ଯନ୍ତ୍ରଟି । ପରିବାରର ପ୍ରାୟ ପ୍ରତ୍ୟେକ ସଦସ୍ୟ ସମ୍ମୋହନର ଶିକାର ହୋଇ ସଂପର୍କର ଗୁରୁତ୍ୱ ହଜାଇ ବସିଛନ୍ତି । ଅବଶ୍ୟ ମୋବାଇଲ୍ ଯୋଗେ ଅନେକ କାର୍ଯ୍ୟ ସହଜ ହୋଇପାରିଛି । କିନ୍ତୁ ପ୍ରତ୍ୟେକ ଜିନିଷର ଅପକାରିତା ଥିବା ପରି ମୋବାଇଲ୍ ବି ସଂପର୍କର ମଜଭୁତ ରଜ୍ଜୁକୁ ଦୁର୍ବଳ କରିଦେଇଛି! ଏବେ ମୋବାଇଲ୍ କବଳରେ



ସାରା ସଂସାର କବଳିତ, ଭ୍ରମିତ ବି । ଟିଭି ସିରିୟଲ୍ ବା ଧାରାବାହିକଗୁଡ଼ିକର ଭୂମିକା ବି ରହିଛି ପାରିବାରିକ ଅଶାନ୍ତି ପାଇଁ । ମନୋରଞ୍ଜନର ମାଧ୍ୟମ ପାଲଟିଥିବା ସିରିୟଲ୍‌ଗୁଡ଼ିକକୁ ବାସ୍ତବ ମନେକରି ଘରେ କଳିଗୋଳ, ସନ୍ଦେହ, ମତାନ୍ତର ସୃଷ୍ଟି ହେଉଛି । ଖାସ୍ କରି ସେଥିରେ ଦେଖାଉଥିବା ବିବାହିତ ସ୍ୱାମୀ କିମ୍ବା ସ୍ତ୍ରୀର ଏକାଧିକ ଅନୈତିକ ପ୍ରେମ ସଂପର୍କ ସମାଜକୁ ଅବାଟରେ ନେଉଛି । ବିଭିନ୍ନ ସଟ୍ ଫିଲ୍ମଗୁଡ଼ିକରେ ଦେଖାଯାଉଥିବା ହିଂସାତ୍ମକ କାର୍ଯ୍ୟକଳାପ ସହିତ ସ୍ପର୍ଶକାତର ଦୃଶ୍ୟାବଳୀ ଯୁବପିଢ଼ିକୁ ବିଭ୍ରାନ୍ତ କରୁଥିବାରୁ ପାରିବାରିକ ଅଶାନ୍ତି ସହିତ ଆତ୍ମହତ୍ୟାପ୍ରବଣତା ବୃଦ୍ଧି ପାଉଛି । ଏକାଧିକ ପ୍ରେମ ସଂପର୍କରେ ଯୁବପିଢ଼ି ପାଗଳ ହୋଇ ମାନସିକ ଭାରସାମ୍ୟ ହରାଉଥିବାରୁ ଏଭଳି ଅଘଟଣମାନ ସଂଘଟିତ ହେଉଛି ।

## ନିରାକରଣର ପ୍ରୟାସ

ଆଜିକାଲି ପୁରାଣ ସଂସ୍କୃତି ଆଲୋଚନାର ଅଭାବ, ଉପରଠାଉରିଆ ଭାବେ ଓ ଆବଶ୍ୟକତାନୁଯାୟୀ ଈଶ୍ୱରଙ୍କ ସ୍ମରଣ ଏବଂ ଚିନ୍ତନ, ପାଠ୍ୟକ୍ରମରେ ନୈତିକ ଶିକ୍ଷା ହ୍ରାସ ପାଇବା ସହିତ ଭୋଗସର୍ବସ୍ୱ ଦୁନିଆରେ ଅତ୍ୟାଧୁନିକ ଜୀବନଶୈଳୀ ଦ୍ୱାରା ପ୍ରଭାବିତ ଲୋକମାନଙ୍କୁ ଜୀବନର ଅସଲ ଉଦ୍ଦେଶ୍ୟ, ସଂପର୍କର ମୂଲ୍ୟ ଓ ତାକୁ ବଞ୍ଚାଇ ରଖିବାର ପ୍ରୟାସ କରିବା ନିତାନ୍ତ ଜରୁରି । କର୍ମଜୀବୀଟିଏ ତା' ଉପରିସ୍ଥ ଅଫିସର୍‌ଙ୍କୁ ଯେତିକି ସମ୍ମାନ କରେ, ସେତିକି ନିଜ ବରିଷ୍ଠମାନଙ୍କୁ କରେନା । କାରଣ ସେ ସ୍ୱାର୍ଥସର୍ବସ୍ୱ ଭାବେ କେବଳ ବର୍ତ୍ତମାନ କଥା ଚିନ୍ତା କରେ । ଆଚରଣକୁ ନିଜର ଧର୍ମ ଓ ଚରିତ୍ର ବୋଲି ମନେ କଲେ ସଂପର୍କ କ୍ଷଣଭଙ୍ଗୁର ହେବନି । ସ୍କୁଲଗୁଡ଼ିକରେ ନୈତିକ ଶିକ୍ଷା ଭାବେ ଶ୍ରୀରାମଚନ୍ଦ୍ରଙ୍କ ବନ-ଗମନ, ଭରତଙ୍କ ରାଜା ହେବା, ଲକ୍ଷ୍ମଣଙ୍କ ଆଜ୍ଞାବହତା, ଶତ୍ରୁଘ୍ନଙ୍କ ଅନୁରକ୍ତି ପରିବାର ଗଠନ ପାଇଁ ନିହାତି ଆବଶ୍ୟକ । ଯାହା ପିଲାର ଚରିତ୍ରଗଠନ ଦିଗରେ ସହାୟକ ହେବ । 'ଭାଗବତ'ର କିଛି ଶିକ୍ଷଣୀୟ ଅଂଶ ଏଥିରେ ସାମିଲ ହେବା ଦ୍ୱାରା ନିଜ ପୁରାଣ, ସଂସ୍କୃତିକୁ ସେମାନେ ଚିହ୍ନିବେ ଓ ବୁଝିବେ । ଆମ ବୀରମାନଙ୍କ ଗାଥା ଓ ବୀରାଙ୍ଗନାମାନଙ୍କ କଥାକୁ ସାମିଲ କରାଗଲେ ପିଲାମାନଙ୍କ ମନରେ ଶକ୍ତିର ସ୍ଫୁରଣ ହେବ ।

ପ୍ରତି ଗ୍ରାମରେ ଭାଗବତ ଟୁଙ୍ଗୀର ପୁନରୁଦ୍ଧାର କରାଯାଇ ସକାଳ ସନ୍ଧ୍ୟାରେ ଭାଗବତ ପଢ଼ାଯିବା ସହିତ ପୁରାଣଶାସ୍ତ୍ର ଚର୍ଚ୍ଚା କରାଗଲେ କିଛିକାଂଶରେ ମାନସିକ ଅଶାନ୍ତି ଦୂରୀଭୂତ ହେବ । ମନର ଅନ୍ଧକାର ହଟିଲେ ସଂପର୍କର ମୂଲ୍ୟ ବୁଝା ପଡ଼ିବ । କାରଣ ପାରିବାରିକ ଅଶାନ୍ତି ମଣିଷକୁ ଏପରି ଭାଙ୍ଗେ ଯେ, ଥରୁଟିଏ ଭାଙ୍ଗିଗଲେ ଅଣ୍ଟା ସଳଖି ଛିଡ଼ା ହେବା ଅସମ୍ଭବ ହୋଇଯାଏ । ଯେହେତୁ ପରିବାର ହିଁ ମଣିଷର ଦମ୍ଭ ଓ ସାହସ । ପାରସ୍ପରିକ ସହଯୋଗ, ସହାନୁଭୂତି ଓ ବୁଝାମଣା ଦ୍ୱାରା ଅସାଧ ବି ସାଧିତ ହୋଇପାରେ । ଯେପରି ବିଭୀଷଣ ରାବଣ ବିନାଶର କାରଣ ବନିଥିଲେ, ସୁଗ୍ରୀବ ବାଳୀ ମୃତ୍ୟୁର କାରଣ ବନିଥିଲେ, ସେହିପରି ନିଜ ଘର ଲୋକଙ୍କ ଦ୍ୱାରା ହିଁ ମଣିଷ ପରାଜୟ ବରଣ କରେ । ବାହାର ଲୋକ ସେତିକି ଭାଙ୍ଗି ପାରନ୍ତି ନାହିଁ, ଯେତିକି ଘରଲୋକ ଭାଙ୍ଗି ପାରନ୍ତି । ଏସବୁରୁ ମୁକୁଳିବା ପାଇଁ ଆତ୍ମସଚେତନତା ସହିତ ସାମୂହିକ ଉଦ୍ୟମ ଲୋଡ଼ା । ସଂପର୍କର ସ୍ଥାୟୀତ୍ୱ ରକ୍ଷା କରିବାକୁ ଜଣେ ନୁହେଁ, ପରିବାରରେ ସମସ୍ତଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ । ଆପୋଷ ବୁଝାମଣାରେ ବଡ଼ବଡ଼ ସମସ୍ୟା ଅଚିରେ ସମାଧାନ ହୋଇଯାଏ । କିନ୍ତୁ ଅବୁଝାମଣାରେ ମହାଭାରତ ଯୁଦ୍ଧ ସଂଘଟିତ ହେବାକୁ ବିଳମ୍ବ ଲାଗେନି । ସେଥିପାଇଁ ପରିବାର ଭିତରେ ସୌହାର୍ଦ୍ଦ୍ୟ ରହିବା ଜରୁରି ।

## ମାତାପିତାଙ୍କ ପ୍ରତି ହିଂସା ଆଚରଣ

ଅନେକ ସମୟରେ ଭାଇ-ଭାଇ ଭିତରର ମନାନ୍ତର ବା ମତାନ୍ତର ଦ୍ୱାରା ବୃଦ୍ଧ ପିତାମାତାମାନେ ଅବହେଳିତ ହୁଅନ୍ତି । ଆଉକେବେ ପିଲାମାନେ ସ୍ୱାର୍ଥପର ଭାବେ ଜଞ୍ଜାଳରେ ବୁଡ଼ି ରହି ପିତାମାତାଙ୍କ ପ୍ରତି ଥିବା କର୍ତ୍ତବ୍ୟକୁ ଭୁଲିଯାଆନ୍ତି । ଆଜିକାଲି ସାମାଜିକ ଗଣମାଧ୍ୟମରେ ପିତାମାତାଙ୍କୁ ଶାରୀରିକ ଯନ୍ତ୍ରଣା ଦେଉଥିବାର ବିଚଳିତ ଦୃଶ୍ୟ ଲୋକଙ୍କ ଭିତରର ଆସୁରିକ ପ୍ରବୃତ୍ତିକୁ ଦର୍ଶାଉଛି । ନିଶାଦ୍ରବ୍ୟ କବଳିତ କିମ୍ବା ଅତ୍ୟଧିକ ସ୍ୱାର୍ଥସର୍ବସ୍ୱ ଲୋକେ କର୍ତ୍ତବ୍ୟ ସଚେତନ ନୁହନ୍ତି ବୋଲି ସେମାନଙ୍କୁ ବୃଦ୍ଧାଶ୍ରମରେ ଛାଡ଼ି ଦେଇ ଆସୁଛନ୍ତି । ପରିଣାମ ସ୍ୱରୂପ ଦେଶରେ ବୃଦ୍ଧାଶ୍ରମ ସଂଖ୍ୟା ବୃଦ୍ଧି ପାଇଛି । ଯେଉଁ ସମୟରେ ପିଲାମାନେ ସବୁଠାରୁ ଅଧିକ ଆବଶ୍ୟକ ସେ ସମୟରେ ସେମାନଙ୍କ ଘୃଣାର ପାତ୍ର ବନିବା ବୋଧେ ପିତାମାତାଙ୍କ ପାଇଁ ଏକ କଠୋର ଅଭିଶାପ । ଯାହା ପରପିଢ଼ିକୁ କୁଶିକ୍ଷା ପ୍ରଦାନ କରେ । ସଂପର୍କ କଳଙ୍କିତ ହେଉଥିବାର ଦେଖି ପରପିଢ଼ି ପଥଭ୍ରଷ୍ଟ ହୁଏ । ନୈତିକତାହୀନ ସମାଜରେ ସଂପର୍କ କ୍ଷଣସ୍ଥାୟୀ ହୋଇଯାଏ ।

ଜଗତସିଂହପୁରେ,ମୋ: ୯୪୩୭୩୧୭୦୨୬




# ଘରୋଇ ହିଂସାର
# କାରଣ ଓ ପ୍ରତିକାର



ଡକ୍ଟର ବିମଳ ଷଡ଼ଙ୍ଗୀ

**ନିଜ ସମ୍ପର୍କୀୟଙ୍କ ଦ୍ୱାରା ସଂଗଠିତ ହେଉଥିବା ଯେକୌଣସି ପ୍ରକାରର ହିଂସାକୁ ଘରୋଇ ହିଂସା କୁହାଯାଏ । ହମବଡ଼ା ଭାବ, ଅହଂକାର, ଲିଙ୍ଗ ଅସମାନତା, ସମ୍ପତ୍ତି ଲୋଭ, ଯୌତୁକ ଏବଂ ଆର୍ଥିକ ଶୋଷଣ, ସମ୍ବେଦନଶୀଳତାର ଅଭାବ, ମଦ୍ୟପାନ, ଶିକ୍ଷା ଏବଂ ସଚେତନତାର ଅଭାବ, ଦୁର୍ବଳ ଆଇନ ପ୍ରବର୍ତ୍ତନ ଏବଂ ନ୍ୟାୟିକ ବିଳମ୍ବ, ସାଂସ୍କୃତିକ ଓ ଧାର୍ମିକ ବିଶ୍ୱାସ ଏବଂ ପାରମ୍ପରିକ ମାନଦଣ୍ଡ, ଆର୍ଥିକ ଚାପ ଓ ବେକାରି, ପିଢ଼ି ପରେ ପିଢ଼ି ପରିବାରର ହିଂସ୍ରକ ମନୋଭାବର ପ୍ରତିଫଳନ, ବୁଝାମଣାର ଅଭାବ ଇତ୍ୟାଦିରୁ ଜାତି, ବର୍ଣ୍ଣ, ବର୍ଗ, ଧର୍ମ ନିର୍ବିଶେଷରେ ଭାରତରେ ଘରୋଇ ହିଂସା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ସାମାଜିକ ବ୍ୟାଧି ରୂପେ ଉଭା । କେତେବେଳେ ବିବାଦ ପିତାମାତା ଓ ସନ୍ତାନ, ଭାଇ–ଭାଇ, ଭାଇ–ଭଉଣୀ, ସ୍ୱାମୀ–ସ୍ତ୍ରୀ ମଧ୍ୟରେ ଭିନ୍ନ ରୂପରେ ଦେଖାଦେଇଥାଏ ।**



## ଘରୋଇ ହିଂସା ମାମଲା

୨୦୨୩ ମସିହାରେ ଜାତୀୟ ମହିଳା କମିଶନ ମହିଳା ବିରୋଧୀ ଅପରାଧର ୨୮, ୮୧୧ଟି ଅଭିଯୋଗ ପାଇଥିଲେ ସେଥିମଧ୍ୟରୁ ପ୍ରାୟ ୬୨୭୪ ଅଭିଯୋଗ ଘରୋଇ ହିଂସାରୁ ସୃଷ୍ଟ । ୨୦୨୪ ମସିହାରେ ଜାତୀୟ ମହିଳା କମିଶନ ମୋଟ ୨୫୭୪୩ ଟି ଅଭିଯୋଗ ପାଇଥିଲେ, ଯାହା ମଧ୍ୟରୁ ୬୨୩୭ଟି ଅଭିଯୋଗ ଘରୋଇ ହିଂସାରୁ ସୃଷ୍ଟ । ୨୦୨୫ ମସିହାର ପ୍ରାରମ୍ଭରୁ ମଇ ମାସ ପର୍ଯ୍ୟନ୍ତ ଘରୋଇ ହିଂସାର ୧୫୯୪ଟି ଅଭିଯୋଗ ଜାତୀୟ ମହିଳା କମିଶନରେ ଦାଖଲ ହୋଇଥିଲା । ସାଧାରଣତଃ ଆର୍ଥିକ ଚାପ ଏବଂ ବେକାରି, ପୁରୁଷ କୈନ୍ଦ୍ରିକ ପରିବାର, ଲିଙ୍ଗ ଅସମାନତା, ଯୌତୁକ ଦାବି, ନିର୍ଯାତନା ଆଦି ଏପରି ହିଂସାକୁ ପ୍ରୋତ୍ସାହିତ କରିଥିଲା । ଧୀର ନ୍ୟାୟିକ ପ୍ରକ୍ରିୟା, ଦୋଷୀ ସାବ୍ୟସ୍ତ ହାରରେ ଶିଥିଳତା, ସୀମିତ ଆଶ୍ରୟ ଏବଂ ପରାମର୍ଶସେବା ଏବଂ ପରିବର୍ତ୍ତନଶୀଳ ପୋଲିସ ପ୍ରତିକ୍ରିୟାଶୀଳତା, ସାଂସ୍କୃତିକ କଳଙ୍କ, ପରିବାରର ଅସମ୍ମାନର ଭୟ ଏବଂ ନ୍ୟାୟ ବ୍ୟବସ୍ଥା ପ୍ରତି ଅବିଶ୍ୱାସ ଅନେକ ମହିଳାଙ୍କୁ ନିର୍ଯାତନାର ରିପୋର୍ଟ କରିବାକୁ ବାଧା ଦେଇଥାଏ ।

୨୦୨୫ ମସିହାରେ ଲିଙ୍ଗ-ଭିତ୍ତିକ ହିଂସା ଉପରେ ଏକ କର୍ମଶାଳାରେ ଅଧିକାରୀମାନେ ମହିଳା-ସମ୍ବନ୍ଧୀୟ ହିଂସା ପାଇଁ ଓଡ଼ିଶାର ଦୋଷୀ ସାବ୍ୟସ୍ତ ହାରକୁ କେବଳ ୯.୩% ବୋଲି ଉଲ୍ଲେଖ କରିଥିଲେ । ଓଡ଼ିଶା ରାଜ୍ୟ ମହିଳା କମିଶନ ଘରୋଇ ହିଂସା ଏବଂ ଯୌତୁକ ନିର୍ଯାତନାର ୧୧,୦୧୦ ମାମଲା ପାଇଛି, ଯାହା ମଧ୍ୟରୁ ୮,୪୪୧ଟି ବିଚାରାଧୀନ ଅଛି । ୨୦୨୫ ମସିହାର ପ୍ରଥମ ଆଠ ମାସରେ ମହିଳା ବିରୋଧୀ ୧୮,୦୦୦ ଅପରାଧ ରିପୋର୍ଟ କରାଯାଇଥିଲା ମାତ୍ର ୨୧୭ ଟି ସମାଧାନ ହୋଇଥିଲା ।

ସେହିପରି ଚତୁର୍ଥ ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ଭେ ଉପରେ ଆଧାରିତ ଏକ ଅଧ୍ୟୟନ ସୂଚାଇଛି ଯେ, ଭାରତରେ ପୁରୁଷମାନଙ୍କ ବିରୁଦ୍ଧରେ ପତ୍ନୀଙ୍କ ହିଂସା ପ୍ରତି ୧୦୦୦ ବିବାହିତ ପୁରୁଷଙ୍କ ମଧ୍ୟରେ ପ୍ରାୟ ୨୯ ଜଣ ରହିଛି । କାରଣଗୁଡ଼ିକ ମଧ୍ୟରେ ଏକକ ପରିବାର ବ୍ୟବସ୍ଥା, ଦାରିଦ୍ର୍ୟ, ମହିଳାଙ୍କ ଆର୍ଥିକ ସ୍ୱାଧୀନତା, ଶ୍ୱଶୁର ଘରର ହସ୍ତକ୍ଷେପ, ପତ୍ନୀଙ୍କର ଅନୈତିକ ସମ୍ପର୍କ ଆଦି ଅନ୍ତର୍ଭୁକ୍ତ । ଆଇନଗତ ଭାବରେ ବମ୍ବେ ହାଇକୋର୍ଟ କହିଛନ୍ତି ଯେ, ସ୍ୱାମୀଙ୍କ ବିରୁଦ୍ଧରେ ମିଥ୍ୟା ଅପରାଧିକ ଅଭିଯୋଗ ଦାଖଲ କରିବା ଏକ ନିଷ୍ଠୁରତା ଅଭ୍ୟାସ ଯାହା ଛାଡ଼ପତ୍ର ପାଇଁ ମୁଖ୍ୟ କାରଣ ହୋଇପାରେ ।

## ଶିଶୁ ନିର୍ଯାତନା

୨୦୨୩ ମସିହାର ଲାନସେଟ୍ ଆଧାରିତ ଅଧ୍ୟୟନ ଆକଳନ କରିଛି ଯେ, ଭାରତରେ ୩୦%ରୁ ଅଧିକ ଭାରତୀୟ ଝିଅ ଏବଂ ୧୩% ପୁଅ ୧୮ ବର୍ଷ ବୟସ ପୂର୍ବରୁ ଶିଶୁ ନିର୍ଯାତନା ଓ ଯୌନ ହିଂସାର ସମ୍ମୁଖୀନ ହୋଇଥିଲେ । ୨୦୨୪ ଏପ୍ରିଲରୁ ୨୦୨୫ ମାର୍ଚ୍ଚ ପର୍ଯ୍ୟନ୍ତ ଏକ ଏନ୍‌ଜିଓର ତଥ୍ୟଭିତ୍ତିକ ସୂଚନା ଅନୁସାରେ ପ୍ରାୟ ୪୫,୦୦୦ ଶିଶୁ ବିଭିନ୍ନ ପ୍ରକାରର ଶୋଷଣ ଯଥା ଶିଶୁ ଶ୍ରମିକ, ଚାଲାଣ, ଋଣ ବନ୍ଧନ, ଯୌନ ଶୋଷଣରୁ ମୁକ୍ତ ହୋଇଛନ୍ତି । ସେମାନଙ୍କ ମଧ୍ୟରୁ ପ୍ରାୟ ୨,୯୭୧ ଜଣ ଶିଶୁଙ୍କୁ ଯୌନ ଶୋଷଣରୁ ଉଦ୍ଧାର କରାଯାଇଥିଲା ଏବଂ ରାଜ୍ୟ ସାରାରେ ୨୭,୩୦୦ ରୁ ଅଧିକ ଶିଶୁଙ୍କୁ ଉଦ୍ଧାର କରାଯାଇଥିଲା । ଏନ୍‌ଜିଓ ନେଟୱାର୍କ ଜଷ୍ଟ ରାଇଟ୍ସ ଫର୍ ଚିଲଡ୍ରେନ ଏବଂ ଇଣ୍ଡିଆ ଚାଇଲ୍ଡ ପ୍ରୋଟେକ୍ସନ ରିପୋର୍ଟ କରିଛି ଯେ, ସେହି ସମୟ ମଧ୍ୟରେ ୧୧,୪୦୦ ରୁ ଅଧିକ ନିଖୋଜ ଶିଶୁଙ୍କୁ ଚିହ୍ନଟ କରାଯାଇଥିଲା ଏବଂ ବର୍ଷ ଶେଷ ସୁଦ୍ଧା ପ୍ରାୟ ୮,୭୫୦ ଜଣଙ୍କୁ ଠାବ କରାଯାଇଥିଲା । ଭାରତରେ ଘରୋଇ ହିଂସା ପ୍ରାୟତଃ ମହିଳାମାନଙ୍କ ବିରୁଦ୍ଧରେ ହିଂସା ଉପରେ ଆଇନଗତ ଭାବରେ ଗଠନ କରାଯାଏ, କିନ୍ତୁ ପିଲାମାନେ ଏପରି ପରିବାର ପରିବେଶରେ ପରୋକ୍ଷ କିମ୍ବା ପ୍ରତ୍ୟକ୍ଷ ଶିକାର ହୋଇପାରନ୍ତି । ସାମ୍ପ୍ରତିକ ଜାତୀୟ ଅପରାଧ ରେକର୍ଡ ବ୍ୟୁରୋ ରିପୋର୍ଟରେ ଶିଶୁମାନଙ୍କ ବିରୁଦ୍ଧରେ ଅପରାଧ ବୃଦ୍ଧି ପାଇଛି, ଯେଉଁଥିରେ ଶାରୀରିକ ନିର୍ଯାତନା, ଯୌନ ନିର୍ଯାତନା, ଅପହରଣ ଏବଂ ସାଇବର ଅପରାଧ ଅନ୍ତର୍ଭୁକ୍ତ, ଯାହା ମଧ୍ୟରୁ ଅନେକ ଘରୋଇ କିମ୍ବା ପାରିବାରିକ ପ୍ରସଙ୍ଗରେ ଘଟେ । ଅନଲାଇନ୍ ଏକ୍ସପୋଜର୍ ଏବଂ ଅପମାନଜନକ ବିଷୟବସ୍ତୁର





ପ୍ରସାରଣର ବୃଦ୍ଧି ଘରୋଇ କ୍ଷେତ୍ରରେ ମଧ୍ୟ ଏକ ଗମ୍ଭୀର ବିପଦ ସୃଷ୍ଟି କରେ । ଶିଶୁ ଚାଲାଣ, ଯୌନ ଶୋଷଣ ଏବଂ ଶ୍ରମ ପାଇଁ ଉଦ୍ଧାର ସଂଖ୍ୟା ପରିବାରଗୁଡ଼ିକର ଗରିବ କିମ୍ବା ବିଶୃଙ୍ଖଳିତ ଆଚରଣକୁ ସୂଚିତ କରେ । ଜାତୀୟ ଅପରାଧ ରେକର୍ଡ ବ୍ୟୁରୋର ତଥ୍ୟ ଅନୁଯାୟୀ ୨୦୨୨ ମସିହାରେ ଶିଶୁଙ୍କ ବିରୁଦ୍ଧରେ ୧.୬ ଲକ୍ଷରୁ ଅଧିକ ଅପରାଧ ଦେଖାଇଛି, ଯାହା ୨୦୨୩ ଏବଂ ୨୦୨୪ ମସିହାରେ ଆହୁରି ବୃଦ୍ଧି ପାଇଛି । କେବଳ ୨୦୨୪ ମସିହାର ପ୍ରଥମ ୫ ମାସରେ, ସାରା ରାଜ୍ୟରେ ଶିଶୁଙ୍କ ବିରୁଦ୍ଧରେ ୧୦,୦୦୦ରୁ ଅଧିକ ଅପରାଧ ମାମଲା ଦର୍ଶାଇଛି । ଏପ୍ରିଲ ୨୦୨୪ ମାର୍ଚ୍ଚ ୨୦୨୫ ମଧ୍ୟରେ ପ୍ରାୟ ୪୫୦୦୦ଶିଶୁଙ୍କୁ ଶିଶୁ ଶ୍ରମିକ, ଚାଲାଣ କିମ୍ବା ଯୌନ ଶୋଷଣରୁ ଉଦ୍ଧାର କରାଯାଇଥିଲା ।

## ପାରିବାରିକ ସୌହାର୍ଦ୍ଦ୍ୟ ଆବଶ୍ୟକ

ଆଜିର ବସ୍ତୁବାଦୀ ସମାଜରେ ବୃଦ୍ଧାବସ୍ଥାରେ ସନ୍ତାନମାନେ ପିତାମାତାଙ୍କ ଦାୟିତ୍ୱ ନେବାକୁ କୁଣ୍ଠାବୋଧ କରନ୍ତି । ଏକକ ପରିବାର ଜନ୍ମିତ ଯୁବକ ବା ଯୁବତୀ ବେକାରୀ, ଦରଦାମ ବୃଦ୍ଧି, ଅଶିକ୍ଷା, ସାମାଜିକ ଚାପ, ସମ୍ବେଦନଶୀଳତା ଅଭାବ, ଅତ୍ୟନ୍ତ ସ୍ୱାର୍ଥପରତା ଆଦି କଳୁଷିତ ପରମ୍ପରାରେ ଜନ୍ମିତ ସେମାନେ କେବଳ ନିଜର ସ୍ୱାର୍ଥ ବ୍ୟତୀତ ଅନ୍ୟ କୌଣସି କ୍ଷେତ୍ରରେ ମନ ଦେଇନଥାନ୍ତି । ପ୍ରାପ୍ତବୟସ୍କରେ ସେମାନେ ନିଜର ଭବିଷ୍ୟତକୁ ସୁରକ୍ଷିତ ରଖିବା ପାଇଁ ପୈତୃକ ସମ୍ପତ୍ତିକୁ ସେମାନଙ୍କ ନାମରେ ଲେଖିଦେବାକୁ କହିଥାଆନ୍ତି, ସେଥିପାଇଁ ବିଭିନ୍ନ ଉପାୟରେ ଚାପ ପକାନ୍ତି, ଯଦି ପିତାମାତା ସେଥିରେ ରାଜି ନ ହୁଅନ୍ତି, ତେବେ ସେମାନେ ଅବହେଳା କରିବା ଆରମ୍ଭ କରନ୍ତି । ପିତାମାତା ଏବଂ ବରିଷ୍ଠ ନାଗରିକଙ୍କ ରକ୍ଷଣାବେକ୍ଷଣ ଏବଂ କଲ୍ୟାଣ ଆଇନ ୨୦୦୭ ଅନୁସାରେ ପିତାମାତାଙ୍କ ପାଇଁ ପିଲାମାନଙ୍କଠାରୁ ଭରଣପୋଷଣ ଦାବି କରିବାର ଆଇନଗତ ଅଧିକାର । ସ୍ୱାମୀ ଓ ସ୍ତ୍ରୀ ମଧ୍ୟରେ ବିବାଦକୁ ସମାଧାନ କରିବାର କେତେଗୁଡ଼ିଏ ଦିଗ ଉପସ୍ଥାପନ କରିବା । ବିବାହ ଗୋଟିଏ ସାମାଜିକ ବନ୍ଧନ, ଯାହାର ଲକ୍ଷ୍ୟ ଏକ ନୂଆ ସୃଷ୍ଟିକୁ ଧାରାପୃଷ୍ଠକୁ ଆଣି ତାକୁ ଏକ ଉତ୍ତମ ମଣିଷ ଭାବେ ଗଢ଼ି ତୋଳିବା । ଉତ୍ତମ ମଣିଷ ଗଢ଼ିବାକୁ ହେଲେ ଏକ ଉତ୍ତମ ପରିବେଶର ଆବଶ୍ୟକ ଥାଏ ଏବଂ ଉତ୍ତମ ପରିବେଶ ସୃଷ୍ଟି ଉଭୟଙ୍କ ପ୍ରଥମ ଦାୟିତ୍ୱ ହେବା ଆବଶ୍ୟକ । ଉଭୟ ଉଭୟଙ୍କୁ ସମ୍ମାନ ଦେବା ସହିତ ଉଭୟଙ୍କ ପ୍ରତି ସମ୍ବେଦନଶୀଳ ହେବା ଆବଶ୍ୟକ । ବେଳେବେଳେ ଦେଖାଯାଏ ଅନେକ ମହିଳା ଭାବନ୍ତି ବିବାହ ପରେ ସ୍ୱାମୀ କେବଳ ତାଙ୍କର ଓ ସ୍ୱାମୀ ତାଙ୍କ ବାପା, ମା, ଭାଇ ଭଉଣୀଙ୍କୁ ଭୁଲି କେବଳ ସ୍ତ୍ରୀ କଥାରେ ଉଠ ବସ ହେବା ଉଚିତ, ଅନ୍ୟଥା ବିବାଦ ସୃଷ୍ଟି କରି ପରିବାରରେ ଅଶାନ୍ତି ଆଣିବା ଏକ ଦୁଷ୍ଟ ଚିନ୍ତା । ସେହିପରି ଅନେକ ସ୍ୱାମୀ ଭାବନ୍ତି ବିବାହ ପରେ ସ୍ତ୍ରୀ କେବଳ ତାଙ୍କ କଥାରେ ଚାଲୁ, କାରଣ ସେ ପୁରୁଷ । ସ୍ତ୍ରୀର ସ୍ୱାଧୀନତା କିଛି ନଥାଏ ଏଭଳି କ୍ଷେତ୍ରରେ ସ୍ୱାମୀଟି ମନେରଖିବା ଉଚିତ ଯେ, ପରିବାରରେ ଉଭୟଙ୍କର ସମାନ ଅଧିକାର ସେଥିପାଇଁ ପରସ୍ପର ପ୍ରତି ସମ୍ମାନ, ବିଶ୍ୱାସ, ସମ୍ବେଦନଶୀଳତା ରହିବା ଆବଶ୍ୟକ । ଉଭୟଙ୍କ ପରିବାରକୁ ସମ୍ମାନ ଦେବା ଜରୁରି । ମାତ୍ର ଉଭୟ ପରିବାର ସଦସ୍ୟ ସେମାନଙ୍କ ନିଷ୍ପତ୍ତି ଉପରେ କୌଣସି ଅଙ୍କୁଶ ଲଗାଇଲେ ଦ୍ୱନ୍ଦ୍ୱ ଆସିଥାଏ । ଭାରତୀୟ ସଂସ୍କୃତିରେ ମୁଖ୍ୟତଃ ସ୍ତ୍ରୀର ପିତାମାତା ସେମାନଙ୍କ ନିଷ୍ପତ୍ତିଠାରୁ ଦୂରେଇ ରହିଲେ ସ୍ୱାମୀ ସ୍ତ୍ରୀ ମଧ୍ୟରେ ସମ୍ପର୍କ ଭଲ ରହିବ ।




## ହିଂସାରୁ ବଞ୍ଚିବା ପାଇଁ ସତର୍କତା

ପୁରୁଷବାଦୀ ମାନସିକତା ଏବଂ ଲିଙ୍ଗ ପକ୍ଷପାତ ଯୋଗୁ ଝିଅମାନେ ନିର୍ଯାତନା, ବାଲ୍ୟ ବିବାହ ଏବଂ ଅବହେଳାର ଅଧିକ ବିପଦର ସମ୍ମୁଖୀନ ହୁଅନ୍ତି । ପରିବାରଗୁଡ଼ିକରେ ମଦ୍ୟପାନ ଏବଂ ନିଶା ନିବାରଣ ପ୍ରାୟତଃ ଘରୋଇ ହିଂସାକୁ ତ୍ୱରାନ୍ୱିତ କରେ । ପିତାମାତାଙ୍କ ସଚେତନତାର ଅଭାବ ପିଲାମାନଙ୍କୁ ଅନଲାଇନ୍ ଶିକାରୀଙ୍କ ସାମ୍ନାକୁ ଠେଲିଦିଏ । ମାନସିକ ଆଘାତ, ଚିନ୍ତା, ଆଘାତ ପରବର୍ତ୍ତୀ ଚାପ, ଶିକ୍ଷାଗତ ବାଧା ଯୋଗୁ ଅନେକ ନିର୍ଯାତିତ ପିଲା ସ୍କୁଲ ଛାଡ଼ି ଦିଅନ୍ତି । ମଜଭୁତ ଆଇନଗତ ପ୍ରବର୍ତ୍ତନ ଶିଶୁ ନିର୍ଯାତନା ମାମଲା ପାଇଁ ଫାଷ୍ଟ-ଟ୍ରାକ୍ କୋର୍ଟ, ପୋସ୍କୋ କାର୍ଯ୍ୟାନ୍ୱୟନର କଠୋର ତଦାରଖର ଆବଶ୍ୟକତା ରହିଛି । ଇଣ୍ଟରନେଟ୍ ସୁରକ୍ଷା ଉପରେ ଅଭିଭାବକଙ୍କ ତାଲିମ ସହିତ ସମ୍ପ୍ରଦାୟ ଏବଂ ଏନ୍‌ଜିଓ ଭୂମିକା ଶିଶୁ ହେଲ୍ପଲାଇନ୍ ଏବଂ ସମ୍ପ୍ରଦାୟ ଶିଶୁ ସୁରକ୍ଷା କମିଟିର ବିସ୍ତାର ହେବ ଆବଶ୍ୟକ ।

ଭାରତର ସାତଟି ରାଜ୍ୟରେ ହୋଇଥିବା ଏକ ଅଧ୍ୟୟନ ରିପୋର୍ଟ କହେ ଯେ, ୬୦ ବର୍ଷ ଏବଂ ତଦୁର୍ଦ୍ଧ୍ୱ ବୟସ୍କ ବ୍ୟକ୍ତିମାନଙ୍କ ମଧ୍ୟରୁ ପ୍ରାୟ ୧୧% ଅତି କମ୍‌ରେ ଗୋଟିଏ ପ୍ରକାରର ବୃଦ୍ଧ ନିର୍ଯାତନା ଭୋଗ କରିଛନ୍ତି , ଯେଉଁଥିରେ ଶାରୀରିକ, ମୌଖିକ, ଆର୍ଥିକ, ଅବହେଳା କିମ୍ବା ଅସମ୍ମାନ ଅନ୍ତର୍ଭୁକ୍ତ । ଏହି ମାମଲାଗୁଡ଼ିକ ମଧ୍ୟରେ, ୪୧% ପୁରୁଷ ପୀଡ଼ିତ ଏବଂ ୪୩% ମହିଳା ପୀଡ଼ିତଙ୍କ ମଧ୍ୟରୁ ୪୩% ପୁଅ ଓ ୨୭.୮% ବୋହୂ ଦ୍ୱାରା ହୋଇଥିଲା । ହେଲ୍ପଏଜ, ଇଣ୍ଡିଆର ୨୦୨୨ ଜାତୀୟ ସର୍ଭେ ୨୨ଟି ସହରକୁ ନେଇ ପ୍ରକାଶ କରିଛି ଯେ, ୩୫% ବୟସ୍କ ବ୍ୟକ୍ତି ସେମାନଙ୍କ ପୁଅମାନଙ୍କ ଦ୍ୱାରା ନିର୍ଯାତନା ଅଭିଯୋଗ କରିଛନ୍ତି ଓ ଅନ୍ୟ ୨୧% ଝିଅମାନଙ୍କୁ ଅପରାଧୀ ଭାବରେ ଉଲ୍ଲେଖ କରିଛନ୍ତି ।

## ଅଭିଭାବକଙ୍କ କର୍ତ୍ତବ୍ୟ

ବସ୍ତୁବାଦୀ ଆଧୁନିକ ସମାଜରେ ଉଭୟ ପିତାମାତା ଏକକ ପରିବାରକୁ ନେଇ ଅର୍ଥ ରୋଜଗାରରେ ଏତେ ବ୍ୟସ୍ତ ଯେ ପ୍ରଥମରୁ ସେମାନଙ୍କ ସନ୍ତାନମାନଙ୍କ ସହିତ ଦିନରେ ୧୦ ମିନିଟ କଥା ହେବାକୁ ସମୟ ନଥାଏ । ଯାହା ଫଳରେ ପିଲାମାନେ ମୋବାଇଲ, ଇଣ୍ଟରନେଟ୍ ଗେମ୍ ଆଦି ବିଭିନ୍ନ ସାମାଜିକ ଗଣମାଧ୍ୟମରେ ବୁଡ଼ି ରହି ସାମାଜିକ ଜ୍ଞାନ, ଜୀବନ ନିର୍ବାହର କଳା, ସମ୍ବେଦନଶୀଳତା, ସ୍ନେହ ଶ୍ରଦ୍ଧା, ସମ୍ମାନ, ପରୋପକାର, ଜୀବେଦୟା ଆଦି ମାନବିକ ଧର୍ମରୁ ଦୂରେଇ ଯାଆନ୍ତି । ବୟସ ହେଲେ ସେମାନଙ୍କ କର୍ତ୍ତବ୍ୟ,ଦାୟିତ୍ୱବୋଧତା, ସମ୍ବେଦନଶୀଳତା, ସ୍ନେହ ଶ୍ରଦ୍ଧା, ସମ୍ମାନ ଇତ୍ୟାଦିକୁ ନବୁଝି କେବଳ ନିଜେ ଭଲରେ ରହିବାକୁ ପସନ୍ଦ କରନ୍ତି । ତେଣୁ ଏ ସମସ୍ୟାରୁ ମୁକ୍ତ ହେବାକୁ ଆମକୁ ଏକ ଦୀର୍ଘ ରାସ୍ତା ଦେଇ ଯିବାକୁ ପଡ଼ିବ ଓ ସମାଜକୁ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ମାଧ୍ୟମରେ ପରିବର୍ତ୍ତନ କରିବାକୁ ପଡ଼ିବ । ଏବେଠାରୁ ପ୍ରତ୍ୟକ ପିତାମାତା ସେମାନଙ୍କ ପିଲାମାନଙ୍କ ସହିତ ଅତି କମ୍‌ରେ ଦିନକୁ ୬୦ ମିନିଟ୍ କଥା ହେବାକୁ ପଡ଼ିବ । ସେମାନଙ୍କ ସମସ୍ୟା, ମନୋଭାବ, ଦ୍ୱନ୍ଦ ଆଦି ମାନସିକ ଅବସ୍ଥାକୁ ଶୁଣି ସେମାନଙ୍କୁ ଆଗକୁ ବଢ଼ିବାକୁ ପ୍ରେରଣା ଦେବାକୁ ପଡ଼ିବ । ଖାଲି ମୂଷା ଦୌଡ଼କୁ ଧରି ପାଠ ପଢ଼, ଭଲ ମାର୍କ ଆଣ, ଶ୍ରେଣୀରେ ପ୍ରଥମ ହୁଅ ଆଦିରୁ ଦୂରେଇ ରହି, ଭଲ ମଣିଷ ହେବାକୁ ପ୍ରେରଣା ସହିତ ଜୀବନଯାପନର କଳା, କର୍ତ୍ତବ୍ୟ, ଦାୟିତ୍ୱବୋଧତା, ସମ୍ବେଦନଶୀଳତା, ସ୍ନେହ ଶ୍ରଦ୍ଧା, ସମ୍ମାନ ଇତ୍ୟାଦିକୁ ସେମାନଙ୍କ ମଧ୍ୟରେ ପ୍ରବେଶ କରାଇବା ଉଚିତ ।



## ପୈତୃକ ସମ୍ପତ୍ତି ପାଇଁ ବିବାଦ

ପାରିବାରିକ କ୍ଷେତ୍ରରେ ସାଧାରଣତଃ ପୈତୃକ ସମ୍ପତ୍ତି ପାଇଁ ସନ୍ତାନଙ୍କ ମଧ୍ୟରେ ବିବାଦ ଦେଖାଦିଏ । ବେଳେବେଳେ ଭାଇ-ଭଉଣୀମାନେ ମିଶି ସମ୍ପତ୍ତି ହାତେଇବା ପାଇଁ ଆଉ ଗୋଟିଏ ଭାଇ ବିରୁଦ୍ଧରେ ମେଳି କରି ତାକୁ ମିଛରେ ଅନ୍ୟ ଆଗରେ ଅପମାନିତ କରିବାକୁ ପଛାଇ ନଥାନ୍ତି । ଭାଇ-ଭାଇ,ଭାଇ-ଭଉଣୀ ମଧ୍ୟରେ ସୁସମ୍ପର୍କ ପାଇଁ ଉଭୟ ଉଭୟଙ୍କୁ ବୁଝିବାକୁ ଚେଷ୍ଟା କରନ୍ତୁ । ମୁଁ ପରିବାର ପାଇଁ ସବୁ କରିଛି ଭାଇ କିଛି କରିନି ବାହାର ଲୋକଙ୍କୁ ବା ନିଜ ପିଲାମାନଙ୍କୁ ନକହି ପରସ୍ପର ମଧ୍ୟରେ ଆପୋଷ ବୁଝାମଣା କରିବାକୁ ଚେଷ୍ଟା କରିବା ଶ୍ରେୟ । ଖୋଲା ଏବଂ ସମ୍ମାନଜନକ ଯୋଗାଯୋଗ ସହିତ ଶାନ୍ତିରେ କଥା ହେବା ଆବଶ୍ୟକ । ବଡ ଜୋର୍‌ରେ କଥା ବାର୍ତ୍ତା କରିବାଠାରୁ ଦୂରେଇ ରହିବା ଆବଶ୍ୟକ । ନିଜ ଘ ର ର କଥା ବାହାର ଲୋକଙ୍କୁ କହିବାଠାରୁ ଦୂରେଇ ରହିବା ଆବଶ୍ୟକ । ଦୋଷ ଦେବା ପରିବର୍ତ୍ତେ "ମୁଁ ଅନୁଭବ କରୁଛି..." ବିବୃତି ବ୍ୟବହାର କରନ୍ତୁ । ଉଦାହରଣ: "ତୁମେ କେବେ ମୋତେ ସମ୍ମାନ କରୁ ନାହଁ । ଏହା ବଦଳରେ ପାରିବାରିକ ନିଷ୍ପତ୍ତି ବିଷୟରେ ମୋତେ କେବେ ପରାମର୍ଶ କରାଯାଏ ନାହିଁ । ସେତେବେଳେ ମୁଁ ନିଜକୁ ଅପମାନିତ ଅନୁଭବ କରେ, ଇତ୍ୟାଦି । ଭଲ ଭାବରେ ଶୁଣିବା ଅଭ୍ୟାସ କରନ୍ତୁ । ପ୍ରତ୍ୟେକ ପକ୍ଷକୁ ବାଧା ବିନା ସେମାନଙ୍କର ଦୃଷ୍ଟିକୋଣକୁ ସମ୍ପୂର୍ଣ୍ଣ ଭାବରେ ପ୍ରକାଶ କରିବାକୁ ଦିଅନ୍ତୁ ।

ଭାରତୀୟ ପରିବାରରେ ଦ୍ୱନ୍ଦ୍ୱର ସାଧାରଣ ଉତ୍ସ ସମ୍ପତ୍ତି କିମ୍ବା ଆର୍ଥିକ ବିବାଦ, ଜୀବନଶୈଳୀ ଏବଂ ବ୍ୟକ୍ତିଗତ ପସନ୍ଦ, ଯୌଥ ପରିବାରରୁ ହସ୍ତକ୍ଷେପ, ସ୍ୱାସ୍ଥ୍ୟ ଏବଂ ଯତ୍ନ ନେବା ଚାପ,ସାଂସ୍କୃତିକ କିମ୍ବା ପିଢ଼ିଗତ ପାର୍ଥକ୍ୟ ଆଦି ଭିନ୍ନ ଭିନ୍ନ କାରଣ । ପ୍ରକୃତ କାରଣକୁ ବୁଝିବା ଏବଂ ଛୋଟ ଛୋଟ ସମସ୍ୟା ଉପରେ ଯୁକ୍ତିକୁ ଏଡ଼ାଇବା ସହିତ ସମାଧାନ ଉପରେ ଧ୍ୟାନ ଦେବା ଜରୁରି । ସହାନୁଭୂତି ଏବଂ ବୁଝାମଣା ସହିତ କ୍ରୋଧପୂର୍ଣ୍ଣ ଯୁକ୍ତିତର୍କ ସମୟରେ ନିଜକୁ ଦୂରେଇ ରଖନ୍ତୁ ଓ ପିତାମାତା,ସ୍ୱାମୀ ସ୍ତ୍ରୀ,ଭାଇ ଭଉଣୀ,ଭାଇ ଭାଇଙ୍କ ସହିତ ସୁସମ୍ପର୍କ ରଖି ଖୁସିରେ ରହିବାର କଳାକୁ ଅକ୍ତିଆର କଲେ ଏକ ସୁସ୍ଥ ସମାଜର ସ୍ୱପ୍ନ ଦେଖିପାରିବା । ■

ସଂସାଧନ ବ୍ୟକ୍ତି, ଭାରତୀୟ ମାନକ ବ୍ୟୁରୋ, ଭୁବନେଶ୍ୱର
ଭାରତ ସରକାର, ମୋ- ୯୪୩୭୧୨୩୮ ୯୨



ପ୍ରଫେସର ଫକୀର ମୋହନ ସାହୁ



# ମନସ୍ତାତ୍ତ୍ୱିକ ଦୃଷ୍ଟିରୁ
# ଘରୋଇ ହିଂସା

**ମନୁଷ୍ୟ ଜୀବନର ସୁଖ ଓ ଶାନ୍ତିର ଏକ ସଫଳ ମାଧ୍ୟମ ରୂପେ ପରିବାରର ଭୂମିକା ବହୁ ଯୁଗରୁ ସ୍ୱୀକୃତ ହୋଇଥିଲେ ମଧ୍ୟ ବର୍ତ୍ତମାନ ଏହି ପ୍ରତ୍ୟାଶାରେ ଏକ ବିରାଟ ବାଧା ସୃଷ୍ଟି ହୋଇଛି । ବାହ୍ୟଜଗତରେ ରାସ୍ତା ପାର୍ଶ୍ୱର ହିଂସା ଆମର ସାମଗ୍ରିକ ଜୀବନକୁ ଅଶାନ୍ତ କରିବା ସହିତ ପାରିବାରିକ ହିଂସା ମଧ୍ୟ ଉଦ୍‌ବେଗର କାରଣ ହୋଇଛି । ସାଧାରଣ ଲୋକମାନଙ୍କ ମନରେ ପ୍ରଶ୍ନ- କାହିଁକି ଏ ହିଂସାତ୍ମକ ବାତାବରଣ? କାହିଁକି ମାତ୍ରାଧିକ କନ୍ଦଳ ଓ ସଂଘର୍ଷ? ଆମର ଆର୍ଥିକ ସ୍ତରରେ ବିକାଶ ଘଟିଥିଲେ ମଧ୍ୟ କାହିଁକି ବିଳୟର ଆବାହାୱା? କାହିଁକି ଏ ଭାବ ଦାରିଦ୍ର୍ୟ? ଏ ପ୍ରଶ୍ନଗୁଡ଼ିକ ଖୁବ୍ ଜଟିଳ । ଗୋଟିଏ ଉପାଦାନକୁ ଭିତ୍ତି କରି ଏହାର ସନ୍ତୋଷଜନକ ଉତ୍ତର ଦେବା ସମ୍ଭବ ନୁହେଁ । ତ୍ରୁଟିଗୁଡ଼ିକ ବିଭିନ୍ନ ସ୍ତରୀୟ । ସୁତରାଂ ପାରିବାରିକ ଜୀବନର ପ୍ରତିଟି ସ୍ତର ଏବଂ ପ୍ରତିଟି କ୍ଷେତ୍ରର ତ୍ରୁଟି ଓ ବିଚ୍ୟୁତି ବିଚାର କରିବାକୁ ହେବ । ଏହି ତ୍ରୁଟିଗୁଡ଼ିକ ବିଚାର କରିବା ସମୟରେ ନିରାକରଣର ମାର୍ଗ ମଧ୍ୟ ସହଜରେ ଚିହ୍ନଟ କରିବା ସମ୍ଭବ ହେବ ।**



## ପାରିବାରିକ ସୁରକ୍ଷା ପ୍ରାଥମିକତା


ପ୍ରଥମେ ବିଚାର୍ଯ୍ୟ ହେଉଛି ପରିବାରର ଆନୁଷ୍ଠାନିକ ସ୍ୱରୂପ । କେଉଁ ଶକ୍ତି ବା ଉପାଦାନ ପରିବାରର ସଦସ୍ୟମାନଙ୍କୁ ଏକତ୍ର ବାନ୍ଧିରଖେ? ସମସ୍ତେ କହିବେ ଯେ, ରକ୍ତର ସମ୍ପର୍କ । ଏହା ମଧ୍ୟ ପୂରାପୂରି ଭୁଲ୍ ନୁହେଁ? ରକ୍ତର ସମ୍ପର୍କ କିପରି ବନ୍ଧନ ସୃଷ୍ଟି କରେ, ତାହାର ପରୀକ୍ଷା ପାଇଁ ମନୋବିଜ୍ଞାନୀମାନେ ଗୋଟିଏ ସୁନ୍ଦର ଗବେଷଣା କରିଛନ୍ତି । ଗୋଟିଏ ବିଜ୍ଞାନଭିତ୍ତିକ ପ୍ରଶ୍ନାବଳୀ ପ୍ରସ୍ତୁତ କରି ସେମାନେ ଲୋକମାନଙ୍କୁ ଏପରି ପଚାରନ୍ତି- ମନେକର ଦୁର୍ଭାଗ୍ୟବଶତଃ ତୁମେ ଅନ୍ୟମାନଙ୍କ ସହିତ ଗଭୀର ଜଳରେ ବୁଡ଼ି ଯାଉଛ । ତୁମେ ନିଜକୁ ଏବଂ କେବଳ ଅନ୍ୟଜଣଙ୍କୁ ଉଦ୍ଧାର କରିପାରିବ । ଏପରିସ୍ଥଳେ କାହାକୁ ଉଦ୍ଧାର କରିବ? ତୁମର ବାପା କି ମା? ତୁମର ମା' କି ତୁମର ଭାଇ? ତୁମର ଭାଇ କି ଭଉଣୀ? ତୁମର ଭାଇ କି ବନ୍ଧୁ? ତୁମର ଭଉଣୀ କି ପଡ଼ୋଶୀ? ଏପରି ଅସଂଖ୍ୟ ଯୋଡ଼ା ଶବ୍ଦ (ଯଥା-ବାପ କି ମା) ଦେଇ ଗବେଷଣାରୁ ଦେଖାଯାଇଛି ଯେ ବ୍ୟକ୍ତି ନିଜ ପରିବାରର ସଦସ୍ୟମାନଙ୍କ ସୁରକ୍ଷାର କଥା ପ୍ରଥମେ ଚିନ୍ତା କରେ ।

## ସୁଦୃଢ଼ ପାରିବାରିକ ବନ୍ଧନ

ରକ୍ତର ସମ୍ପର୍କ ବା ଜନ୍ମଗତ ସମ୍ପର୍କ ଅନ୍ତରଙ୍ଗତାର ବହଳ ବଳୟ ସୃଷ୍ଟି କରିଥିଲେ ମଧ୍ୟ ଏହି ନିବିଡ଼ ବନ୍ଧନ କ୍ରମଶଃ ଦୃଢ଼ୀଭୂତ ହୁଏ । ତିନୋଟି ଉପାଦାନ ଏହି ବନ୍ଧନକୁ ଶକ୍ତିଶାଳୀ କରେ । ପ୍ରଥମ ଉପାଦାନଟି ହେଉଛି ପାରସ୍ପରିକ କ୍ରିୟା ଅନୁକ୍ରିୟା । ପରିବାରର ସଦସ୍ୟମାନେ କେବଳ ଭୌଗୋଳିକ ଦୃଷ୍ଟିକୋଣରୁ ଗୋଟିଏ ଛାତ ତଳେ ବସବାସ କରନ୍ତି ନାହିଁ, ଏମାନେ ପରସ୍ପର ମଧ୍ୟରେ କଥାବାର୍ତ୍ତା ହୁଅନ୍ତି; ଭାବର ଆଦାନ ପ୍ରଦାନ କରନ୍ତି । ଏପରି କଥାବାର୍ତ୍ତା ମାଧ୍ୟମରେ ବନ୍ଧନ ଦୃଢ଼ ହୁଏ । ଦ୍ୱିତୀୟ ଉପାଦାନଟି ହେଉଛି ପ୍ରତିବଦ୍ଧତା । ପ୍ରତି ସଦସ୍ୟଙ୍କର ଅନ୍ୟ ପ୍ରତି ଏକ ପ୍ରତିବଦ୍ଧତା ଥାଏ । ପିଲାମାନେ କିପରି ଭଲ ପାଠପଢ଼ି ଉତ୍ତମ ବୃତ୍ତିର ଅନୁସରଣ କରିବେ, ସେ ଦିଗରେ ପିତାମାତାଙ୍କ ନିଷ୍ଠା ରହିଥାଏ । ପିଲାମାନେ ଦେଖନ୍ତି ଯେ ଭୌତିକ ସ୍ତରରେ ପିତାମାତା କିପରି ସୁସ୍ଥ ଓ ନିରାପଦ ରହିବେ । ବଡ଼ ଭାଇର ଦୃଷ୍ଟି ରହିଥାଏ ତାହାର ସାନଭାଇ ବା ସାନଭଉଣୀ ଯେପରି ନିରାପଦ ରହେ । ପ୍ରତ୍ୟେକ ସଦସ୍ୟଙ୍କର ଅଙ୍ଗୀକାରବଦ୍ଧତା ନିବିଡ଼ତାର ବଳୟ ଗଠନ କରେ । ପାରିବାରିକ ସଂପ୍ରୀତି ତ୍ରିଭୁଜର ଅନ୍ୟତମ ବାହୁଟି ହେଉଛି ସାମୂହିକ ଲକ୍ଷ୍ୟ । ପ୍ରତିଟି ସଦସ୍ୟଙ୍କ ନିଜସ୍ୱ ଲକ୍ଷ୍ୟ ବ୍ୟତୀତ ପରିବାରର ଏକ ଲକ୍ଷ୍ୟ ବା ଆଭିମୁଖ୍ୟ ରହିଥାଏ । ଅନ୍ୟମାନଙ୍କ ଦୃଷ୍ଟିରେ ପରିବାରର ସମ୍ମାନ କିପରି ବଜାୟ ରହିବ, ଏ ଦିଗରେ ସମସ୍ତେ ଧ୍ୟାନଶୀଳ ରୁହନ୍ତି । ବର୍ତ୍ତମାନ ପାରିବାରିକ ସଂପ୍ରୀତି ମୂଳରେ ସକ୍ରିୟ ଥିବା ଏ ତିନୋଟି ଉପାଦାନ କେବଳ ଦୁର୍ବଳ ହୋଇନାହିଁ, ବାହ୍ୟ ଜୀବାଣୁର ଆକ୍ରମଣରେ ନଷ୍ଟ ହେବାକୁ ଆରମ୍ଭ କରିଛି । ପ୍ରତିଟି ଉପାଦାନ କିପରି ସଂକୁଚିତ ହୋଇଛି, ତାହାର ଅଲଗା ଅଲଗା ବିଚାର ଆବଶ୍ୟକ ।

## ପାରିବାରିକ ସଂପ୍ରୀତି





ପ୍ରଥମେ ଅନ୍ତରଙ୍ଗତା ବା ଭାବର ଆଦାନପ୍ରଦାନ କଥା ବିଚାର କରାଯାଉ । ପିତାମାତା ପିଲାମାନଙ୍କ ସହିତ କେତେ ସମୟ କାଟୁଛନ୍ତି ଏବଂ କେତେ ପରିମାଣରେ ଶ୍ରଦ୍ଧାପୂର୍ଣ୍ଣ କଥାବାର୍ତ୍ତା ହେଉଛନ୍ତି? ଅନ୍ତତଃ ଖାଇବା ସମୟରେ ଏକାଠି ବସି ଖାଇବାର ଯେଉଁ ପରମ୍ପରା ଥିଲା ତାହା କ୍ରମଶଃ ଦୁର୍ବଳ । ଖାଇବା ସମୟରେ ମଧ୍ୟ ଦୃଷ୍ଟି ଟେଲିଭିଜନ-କେନ୍ଦ୍ରିତ । ଏ ସମୟରେ ପୁତ୍ର ମୋବାଇଲ୍ ଫୋନ୍ ଧରି ସାଙ୍ଗମାନଙ୍କ ସହିତ ଗପ କରୁଛି । ଝିଅ ଫୋନ୍ ମାଧ୍ୟମରେ ଆକର୍ଷଣଶୀଳ ଛବି ଦେଖୁଛି । ମା' କର୍ମଜୀବୀ ମହିଳା ହୋଇଥିଲେ କର୍ମସଂସ୍ଥାରୁ ଫେରିବା ପରେ ପ୍ରଶ୍ନ ପଚାରନ୍ତି-ଆଜି ସ୍କୁଲରେ ବିଜ୍ଞାନରେ କେତେ ମାର୍କ ପାଇଛୁ? ଯଦି ୯୦ ପାଇଛୁ ତେବେ ୯୯ ପାଇଲୁ ନାହିଁ କାହିଁକି? ପ୍ରଶ୍ନସବୁ ଗୋଟିଏ ଧରଣର । ମୋଟ୍ ଉପରେ ଯାହାକୁ ଗୁଣାତ୍ମକ ସମୟ ବା କ୍ୱାଲିଟି ଟାଇମ୍ କୁହାଯାଏ, ତାହାର ସତ୍ତା ନାହିଁ । ପୂର୍ବେ ହୁଏତ ଖାଇବା ସମୟରେ ଖାଇବା ଟେବୁଲ୍ ପାଖରେ ବାପ ଓ କିଶୋର ପୁଅର ଝଗଡ଼ା ହେଉଥିଲା । ମା' ଓ କିଶୋରୀ କନ୍ୟାର ଯୁକ୍ତିତର୍କ ହେଉଥିଲା । କିନ୍ତୁ ଏସବୁ ମାଧ୍ୟମରେ ମାନସିକ ଚାପ ବାହାରିଯାଇ ମନ ହାଲୁକା ହେବାର ଯଥେଷ୍ଟ ସମ୍ଭାବନା ଥିଲା । ଏବେ କିନ୍ତୁ ଚାପ ଅଧିକ ଏବଂ ମାନସିକ ବିକୃତିର ଆଶଙ୍କା ବେଶୀ ।

ଦ୍ୱିତୀୟ ଉପାଦାନଟି ପ୍ରତିବଦ୍ଧତା ବା ଅନ୍ୟ ସଦସ୍ୟଙ୍କ ଲକ୍ଷ୍ୟପୂରଣ ଦିଗରେ ଆନ୍ତରିକ ପ୍ରତିଶ୍ରୁତି । ବର୍ତ୍ତମାନର ବାତାବରଣରେ "ସହଯୋଗିତା" ପରିବର୍ତ୍ତେ ପ୍ରତିଦ୍ୱନ୍ଦ୍ୱିତାର ପ୍ରାଧାନ୍ୟ ବଢ଼ିବାରେ ଲାଗିଛି । ଏ ପରିପ୍ରେକ୍ଷୀର ବଡ଼






ଭାଇର ସାନଭାଇର ଲକ୍ଷ୍ୟ ପ୍ରତି ଦୃଷ୍ଟିଦେବାର ସମୟ ନାହିଁ କି ଭାଇ-ଭଉଣୀର ଆଭିମୁଖ୍ୟ ପ୍ରତି ନଜର ଦେବାର ସମୟ ନାହିଁ । ଏକ ଆତ୍ମକୈନ୍ଦ୍ରିକ ବାତାବରଣ ମଧ୍ୟରେ ପିତା, ମାତା, ଭାଇ, ଭଉଣୀ ଏବଂ ବର୍ଷୀୟାନ ବ୍ୟକ୍ତିମାନେ ଆବଦ୍ଧ ମନ ଓ ପୃଥକୀକୃତ ମନ ନେଇ କାରବାର କରୁଛନ୍ତି ।

ତୃତୀୟ ଉପାଦାନଟି ପାରିବାରିକ ଲକ୍ଷ୍ୟ ବଳିଷ୍ଠ ହେବ କିପରି? ଆତ୍ମକୈନ୍ଦ୍ରିକ ଭାବ ଓ ଭାବନାରେ ସମସ୍ତେ ଗୋଟିଏ ଗୋଟିଏ ଦ୍ୱୀପ। ସୁତରାଂ ପାରିବାରିକ ଲକ୍ଷ୍ୟ କିଛି ଥିଲେ ମଧ୍ୟ ତାହା ସୁପ୍ତ ହୋଇ ରହିଯାଉଛି । ବିକଶିତ ହେବାର ସମ୍ଭାବନା ନାହିଁ ।

ପାରିବାରିକ ସଂପ୍ରୀତି କେବଳ ଦୁର୍ବଳ ନୁହେଁ, ଏହା ସଂକ୍ରମିତ। ଏହି ସଂକ୍ରମଣର ଜୀବାଣୁ ଆସୁଛି ତ୍ରୁଟିପୂର୍ଣ୍ଣ ସାମାଜିକରଣ ପରିପ୍ରେକ୍ଷୀରୁ। ଆଜିର ପରିବାରରେ କିଶୋର କିଶୋରୀମାନେ ଯେପରି ଅପରାଧପ୍ରବଣ ହୋଇପଡୁଛନ୍ତି, ଯେପରି ହିଂସ୍ର ଆଚରଣ କରୁଛନ୍ତି, ତାହାର ବ୍ୟବଚ୍ଛେଦ କଲେ ଦେଖାଯିବ ଯେ, ପିତାମାତା ମଧ୍ୟ ଏ ଦିଗରେ କମ୍ ଦାୟୀ ନୁହନ୍ତି। ବର୍ତ୍ତମାନର ମନୋବିଜ୍ଞାନୀ ଓ ମନୋଚିକିତ୍ସକମାନେ ଏହାକୁ "ଅଭିଭାବକୀୟ ବିକୃତି" ଆଖ୍ୟା ଦେଇଛନ୍ତି। ଅତୀତରେ ମନୋବିଜ୍ଞାନର ପାଠ୍ୟପୁସ୍ତକରେ ଏପରି ପରିଭାଷା ନ ଥିଲେ ମଧ୍ୟ ଏହା ଆମ ସମସାମୟିକ ଜୀବନରେ ଏକ ବହୁ ବ୍ୟବହୃତ ଶବ୍ଦରେ ପରିଣତ ହୋଇଛି ।





## ମନସ୍ତାତ୍ତ୍ୱିକ ଦୃଷ୍ଟିକୋଣ

ଅଭିଭାବକୀୟ ବିକୃତିର ସ୍ୱରୂପ କ'ଣ? ମନୋବୈଜ୍ଞାନିକ ଗବେଷଣାରୁ ଦେଖାଯାଇଛି ଯେ, ଶିଶୁ ପରିପାଳନ ଭଙ୍ଗୀର ଏକ ବାଞ୍ଛନୀୟ ଦିଗ ଏବଂ ଏକ ଅବାଞ୍ଛିତ ଦିଗ ରହିଛି । ଭଲ ପରିବାରରେ ପିତାମାତା ଓ ବଡ଼ମାନଙ୍କର ସାନମାନଙ୍କ ପ୍ରତି ଏକ ଉଚିତ ମାନସିକତା ହେଉଛି ସ୍ନେହଶ୍ରଦ୍ଧା ଓ ଅନୁଶାସନର ଦିଗ । ସୁବିକଶିତ ପରିବାରରେ ପିତାମାତା ଓ ଅନ୍ୟସବୁ ବର୍ଷୀୟାନମାନେ ପୁତ୍ରକନ୍ୟା ଓ ଅନ୍ୟ ସବୁ ଅଳ୍ପବୟସର ପିଲାମାନଙ୍କୁ ସ୍ନେହଶ୍ରଦ୍ଧା ପ୍ରଦର୍ଶନ କରନ୍ତି । ସବୁଠାରୁ ବଡ଼ଗୁଣ ହେଉଛି ସମାନୁଭୂତି ବା ଏମ୍ପାଥି ।

ଏହା ବାଲ୍ୟଜୀବନରେ ଓ କିଶୋର-ଜୀବନରେ ସୁପ୍ରଭାବ ସୃଷ୍ଟି କରେ । ଅନୁଶାସନର ଅର୍ଥ ଶାରୀରିକ ଦଣ୍ଡ ନୁହେଁ । ଏହା ଏକପ୍ରକାର ନିୟନ୍ତ୍ରଣ । ହାତ ନ ଧୋଇ ଖାଇବାକୁ ଜିଦ୍ ଧରିଥିବା ପିଲାଟିକୁ ମା' ଶାରୀରିକ ଦଣ୍ଡ ଦେବେ ନାହିଁ । କିନ୍ତୁ ସେ କହିପାରିବେ; ତୁ ହାତ ନ ଧୋଇଲେ ମୋ ସହିତ ଖାଇପାରିବୁ ନାହିଁ । ଏପରି ନିୟନ୍ତ୍ରଣ ଶିଶୁକୁ ଶୃଙ୍ଖଳିତ ରହିବ ।

ଅନ୍ୟ ପକ୍ଷରେ ତ୍ରୁଟିପୂର୍ଣ୍ଣ ପରିଚାଳନା ଭଙ୍ଗୀ ନେଇ ଯତ୍ନକାରୀ କିମ୍ବା ପିତାମାତା "ଏକଛତ୍ରବାଦୀ ଓ ବର୍ଜ୍ଜନଶୀଳ" ଶୈଳୀ ବ୍ୟବହାର କରନ୍ତି । ସେମାନେ ପ୍ରତି କଥାରେ "କର" ଏବଂ 'କର ନାହିଁ'ର ଲମ୍ବା ତାଲିକାଟି ଦେଇ ଶିଶୁର ଶ୍ୱାସରୋଧ କରନ୍ତି । ବାଲ୍ୟଜୀବନରେ ଓ କିଶୋର ଜୀବନରେ କୌଣସି ସ୍ୱାଧୀନତା ରହେ ନାହିଁ।

ନିୟନ୍ତ୍ରଣର ଅଙ୍କୁଶଟି ଏତେ ବଡ଼ ଓ କଠିନ ହୋଇ କ୍ଷତିସାଧନ କରେ । ଏହା ସହିତ "ବର୍ଜ୍ଜନମୁଖୀ" ପରିପାଳନଭଙ୍ଗୀ ଅଧିକ ସମସ୍ୟା ସୃଷ୍ଟି କରେ । ଏହାର ତାତ୍ପର୍ଯ୍ୟ ହେଉଛି ଯେ ପିତାମାତା ଗ୍ରହଣଶୀଳ ମନୋଭାବ ନ ନେଇ ଦୂରତ୍ୱ ସୃଷ୍ଟି କରନ୍ତି । ପିଲାଟି ଶ୍ରେଣୀରେ ତୃତୀୟ ସ୍ଥାନ ଅଧିକାର କରି ପିତାମାତାଙ୍କୁ ହୁଏତ ଜଣାଇଥାଏ । ସେମାନେ ଏପରି କୃତୀତ୍ୱ ପାଇଁ ଉତ୍ସାହ ଦେବା ପରିବର୍ତ୍ତେ ହୁଏତ କୁହନ୍ତି- ତୋର ସାଙ୍ଗ ତ ପ୍ରଥମ ହୋଇଛି, ତୁମେ ତୃତୀୟ ସ୍ଥାନ ଅଧିକାର କରି କୋଉ ବଡ଼ କାମ କରିଦେଲ? ଏପରି ବର୍ଜ୍ଜନମୁଖୀ ଭଙ୍ଗୀ ପିଲାଟିକୁ ନିରୁତ୍ସାହିତ କରେ ।

ମନୋବୈଜ୍ଞାନିକ ଗବେଷଣାରୁ ଦେଖାଯାଇଛି ବାଲ୍ୟ ଓ କିଶୋର ବୟସରେ ପିଲାର ଯେଉଁ ସାମାଜିକ ଓ ସମାଜବିରୋଧୀ ବ୍ୟକ୍ତିତ୍ୱ ଗଠିତ ହୁଏ, ତାହା ଯୌବନ କାଳରେ ବଳବତ୍ତର ହୁଏ । ପୂରାପୂରି ପରିବର୍ତ୍ତିତ ହୋଇ ଏକ ସହନଶୀଳ ଓ ସମ୍ବେଦନଶୀଳ ବ୍ୟକ୍ତିତ୍ୱ ଗଠିତ ହେବାର ଅସମ୍ଭବ ନ ହେଲେ ମଧ୍ୟ ସମ୍ଭାବନା କମ୍ ।

କେଉଁସବୁ ଉପାଦାନ ପାରିବାରିକ ହିଂସାର ଉନ୍ମେଷରେ କାର୍ଯ୍ୟ କରେ ତାହାର ଆଲୋଚନା କରାଗଲା । ଏସବୁ ଆଭ୍ୟନ୍ତରୀଣ କାରଣ । ଏହାର ପରିବର୍ତ୍ତନ ଅପେକ୍ଷାକୃତ ସମ୍ଭବପର ହୋଇଥିବାରୁ ଏ ସବୁର ବିସ୍ତୃତ ଆଲୋଚନା କରାଗଲା । ବାହ୍ୟିକ କାରଣ ସୁସ୍ପଷ୍ଟ ଏବଂ ଅପେକ୍ଷାକୃତ ଅଧିକ ଜଟିଳ । ସାମ୍ପ୍ରତିକ ଜୀବନରେ, ବିଶେଷତଃ ଯୁବଗୋଷ୍ଠୀ ମଧ୍ୟରେ ମଦ୍ୟପାନ ଓ ମାଦକଦ୍ରବ୍ୟ ସେବନର ପ୍ରବୃତ୍ତି ଯେପରି ଦ୍ରୁତଗତିରେ ବୃଦ୍ଧିପାଉଛି, ସେସବୁର କ୍ଷତିକାରକ ଭୂମିକା ସହଜରେ ଅନୁମେୟ । ତ୍ରୁଟିପୂର୍ଣ୍ଣ ପାରିବାରିକ ସାମାଜିକରଣ ଫଳରେ ଦୁର୍ବଳ ରହିଥିବା ମାନସିକତା ବାହାରର କୁପ୍ରଭାବରୁ ନିଜକୁ ମୁକ୍ତରଖିପାରିବ ନାହିଁ । ଏହା ଫଳରେ ପାରିବାରରେ ହିଂସାତ୍ମକ କାର୍ଯ୍ୟକଳାପ ବୃଦ୍ଧି ପାଇବାରେ ଲାଗିଛି ।

ଶେଷ ବକ୍ତବ୍ୟ ରୂପେ କୁହାଯାଇପାରେ ଯେ, ପାରିବାରିକ ହିଂସାର ନିରାକରଣ କରି ପରିବାରକୁ ତା'ର ପୂର୍ବ ମର୍ଯ୍ୟାଦାରେ ପ୍ରତିଷ୍ଠିତ କରିବାକୁ ହେଲେ ନିୟନ୍ତ୍ରଣମୁଖୀ ସମାଜବ୍ୟବସ୍ଥା, ଆଇନ ପ୍ରଣୟନ ଓ ସାମୂହିକ ମନୋବୃତ୍ତିର ଆବଶ୍ୟକତା ରହିଛି । କିନ୍ତୁ ତାହାଠାରୁ ଅଧିକ ପ୍ରୟୋଜନ ହେଉଛି ପାରିବାରିକ ସୁସ୍ଥ ବାତାବରଣ ଓ ଶ୍ରଦ୍ଧାଶୀଳ ସମ୍ପର୍କ । ଏଥିପାଇଁ ଶିଶୁ ଓ କିଶୋର କିଶୋରୀମାନଙ୍କର ଶ୍ରଦ୍ଧାଶୀଳ ପରିପାଳନ ନିତାନ୍ତ ଅତ୍ୟାବଶ୍ୟକ ମନେହୁଏ । ■









ଭୁବନେଶ୍ୱର, ମୋ: ୯୪୩୭୧୨୧୨୭୯

# ଘରୋଇ ହିଂସା ଏକ ସାମାଜିକ ବ୍ୟାଧି





ଛନ୍ଦା ମିଶ୍ର

**ଆଜି ସମାଜରେ ଦେଖା ଦେଇଥିବା ଅଧୋପତନ ଓ ଅନୈତିକତାକୁ ଅନୁଶୀଳନ କରି ଏହାର ମୂଳ କାରଣ ଖୋଜିଲେ ଆମେ ଦେଖିବାକୁ ପାଇବା ଯେ, ଶତକଡ଼ା ନବେ ପ୍ରତିଶତ ଅପରାଧୀ, ବିଶୃଙ୍ଖଳିତ ପରିବାରରୁ ଆସିଥାନ୍ତି । ଘର ତଥା ପରିବାର କହିଲେ, ଯେଉଁ ସ୍ନେହ, ଶ୍ରଦ୍ଧା ଓ ଅପଣାର ପଣିଆ ରହିବା କଥା, ତାହା ଯେତେବେଳେ କ୍ଷୁଣ୍ଣ ହୋଇ ଜଣକ ମନରେ ଅନ୍ୟ ପ୍ରତି ଘୃଣା ଓ ବିତୃଷ୍ଣା ଭାବ ଜାତ ହୁଏ, ସେତେବେଳେ ସମସ୍ତ ପରିବାର ଜନ ଏଥିରେ ପ୍ରତ୍ୟକ୍ଷ ଭାବେ ପ୍ରଭାବିତ ହୁଅନ୍ତି । ତେବେ ଏହି ଘୃଣା ଓ ବିତୃଷ୍ଣା ଭାବ ଜାତ ହେବା ପଛରେ ଥାଏ ଜଣକ ପ୍ରତି ଅନ୍ୟଜଣକର ଅତ୍ୟାଚାର ଏବଂ ଅବହେଳା । କାରଣ ଯାହା ବି ହୋଇ ଥାଉ, ଜଣେ ଅନ୍ୟ ଜଣଙ୍କ ଉପରେ କରୁଥିବା ଶାରୀରିକ ଓ ମାନସିକ ନିର୍ଯାତନା ସର୍ବଦା ବର୍ଜନୀୟ, ଯାହାକୁ ଆମେ ଘରୋଇ ହିଂସା ଭାବେ ନାମିତ କରୁ ।**

## ଘରୋଇ ହିଂସାର ଶିକାର

ଆବଶ୍ୟକତା ନଥାଇ ଅନ୍ୟକୁ ଅକ୍ତିଆର କରିବା ପାଇଁ ଅଯଥା ଶକ୍ତି ପ୍ରଦର୍ଶନ ଓ ମାନସିକ ତଥା ଶାରୀରିକ ଶୋଷଣ, ପରିବେଶକୁ ଦୂଷିତ କରିବା ସହିତ ସମ୍ପର୍କକୁ କରେ ପ୍ରଭାବିତ । ଘର ଭାଙ୍ଗେ, ପିଲାଏ ବିବ୍ରତ ଓ ବିଚଳିତ ହେବା ସହ ମାନସିକ ଅସ୍ଥିରତା ଭୋଗନ୍ତି । ଘରର ଶିଶୁ, ବୟସ୍କ, ଓ କେତେକ କ୍ଷେତ୍ରରେ ପୁରୁଷମାନେ ମଧ୍ୟ ଘରୋଇ ହିଂସାର ଶିକାର ହେଉଥିଲେ ବି ଅଧିକାଂଶ ସମୟରେ ନାରୀଟିଏ ହିଁ ଘରୋଇ ହିଂସାରେ ଅଧିକ ପୀଡ଼ିତ ହେବା ଦେଖା ଯାଇଥାଏ । ଆଶ୍ଚର୍ଯ୍ୟ ଲାଗିଲେ ବି ସତ ହେଉଛି ଯେ, ଘରୋଇ ହିଂସା ଏପରି ଏକ ଅପରାଧ ଯାହା କ୍ୱଚିତ୍ ଲୋକଲୋଚନକୁ ଆସେ ଓ ଅପରାଧୀ ଆଇନ ଦ୍ୱାରା ଦଣ୍ଡିତ ହୁଏ । କାରଣ ପରିବାରର ସାମାଜିକ ସମ୍ମାନ ଏଥିରେ କ୍ଷୁଣ୍ଣ ହେବ ବୋଲି ଆଶଙ୍କା କରି ପୀଡ଼ିତ ବା ପୀଡ଼ିତା ନୀରବ ରହି ସବୁ ସହି ନେବା ପାଇଁ ଉଚିତ ମଣେ । ଫଳରେ ଅଭିଯୁକ୍ତର ସାହସ ବଢ଼େ ଅଧିକ ଅପରାଧ କରିବା ପାଇଁ ।

## ଘରୋଇ ହିଂସାର ପ୍ରକାର ଭେଦ

**ଘରୋଇ ହିଂସା ବା ଘରୋଇ ନିର୍ଯାତନାକୁ ଆମେ କେତୋଟି ଭାଗରେ ବିଭକ୍ତ କରିପାରିବା । ସେଥିମଧ୍ୟରୁ ଶାରୀରିକ ହିଂସା, ମାନସିକ ହିଂସା, ଯୌନ ଉତ୍ପୀଡ଼ନ, ଅର୍ଥନୈତିକ ହିଂସା ଅନ୍ୟତମ ।**



### ଶାରୀରିକ ହିଂସା

ଅନେକ ସମୟରେ ନିଜ ପାରିବା ପଣିଆ ଦେଖାଇବା ପାଇଁ, କୌଣସି କାରଣ ନଥାଇ ଜଣେ ଆଉ ଜଣକୁ ଚାପୁଡ଼ା, ବିଧା, ଗୋଇଠା, ରାମ୍ପୁଡ଼ା, କାମୁଡ଼ା, ଏପରିକି କୌଣସି ବସ୍ତୁ ସାହାଯ୍ୟରେ ଆଘାତ କରିବା ଦେଖାଯାଏ । ଘଟଣାଟିଏ ମନେ ପଡୁଛି । ଜଣେ ବିଚାର ବିଭାଗୀୟ ଅଧିକାରୀ ନିଜ ଅଭିଜ୍ଞତା ଜଣାଇ କହିଥିଲେ, "ଏହାକୁ ଆପଣ ଗୋଟିଏ ବିରଳ ଘଟଣା ବୋଲି କହି ପାରିବେ । ଥରେ ଜଣେ ଅଶୀ ବର୍ଷର ବୃଦ୍ଧ ଓ ତାଙ୍କ ପଞ୍ଚସ୍ତରୀ ବର୍ଷୀୟା ବୃଦ୍ଧା ସ୍ତ୍ରୀଙ୍କ ବିବାହ ବିଚ୍ଛେଦର କେଶ୍ ରୁଜୁ ହେଲା । ଦୀର୍ଘବର୍ଷର ବୈବାହିକ ଜୀବନ ଅତିବାହିତ କରିବା ପରେ ଏପରି ନିଷ୍ପତ୍ତି କାହିଁକି ବୋଲି ପଚାରିବାରୁ ଅସଲ କାରଣଟି ଆସିଥିଲା ପଦାକୁ । ବୃଦ୍ଧ ଜଣକ ସମୟ ସମୟରେ ସ୍ତ୍ରୀଙ୍କୁ ନିଜ ବାଡ଼ିରେ ପାହାରେ ଦୁଇ ପାହାର ପିଟନ୍ତି । ପ୍ରଥମରୁ ବୃଦ୍ଧା କେବେ ହେଲେ ଏହାର ବିରୋଧ କରି ନାହାଁନ୍ତି । ମାତ୍ର ଏବେ ସେ ଆଉ ଚୁପ୍ ରହିବାକୁ ଚାହାଁନ୍ତି ନାହିଁ । ବୃଦ୍ଧାଙ୍କ କହିବା କଥା, ପୁଅ ବୋହୂ ଆସିଲା ପରେ ଏପରି ଲଜ୍ଜାଜନକ କଥା ଖୁବ୍ କଷ୍ଟ ଦେଉଛି । ତେବେ ଆରମ୍ଭରୁ ଯଦି ସ୍ତ୍ରୀଟି ବିରୋଧ କରି ଥାଆନ୍ତେ, ବୋଧେ କଥା ଏତେଦୂର ପର୍ଯ୍ୟନ୍ତ ଯାଇ ନଥାନ୍ତା ।"

ସ୍ତ୍ରୀ ଉପରକୁ ପୁରୁଷଟିଏ ହାତ ଉଠାଇବାକୁ ଆମ ସମାଜରେ ଏକ ଅତି ସାଧାରଣ କଥା ଭାବେ ଧରା ଯାଇଥାଏ ଯେଉଁଥିପାଇଁ, ଏପରି ହାତ ଉଠାଇବା ପାଇଁ ପୁରୁଷକୁ ସଙ୍କୋଚ ଲାଗେ ନାହିଁ । ବରଂ ସେ ଏପରି ହାତ ଉଠାଇବାକୁ ନିଜ ଅଧିକାର ତଥା ପୌରୁଷ ବୋଲି ବିଚାର କରେ । ଆଶ୍ଚର୍ଯ୍ୟର କଥା ଯେ ଏହାକୁ ଅନେକ ନାରୀ ବି କରନ୍ତି ସମର୍ଥନ । ପୁଣି ନୂଆ ବୋହୂଟିଏ ଶାଶୁ ଘରେ ଶାଶୁ, ନଣନ୍ଦ, ଯାଆ ପ୍ରମୁଖଙ୍କଠାରୁ ପାଉଥିବା ଶାରୀରିକ ନିର୍ଯାତନା ମଧ୍ୟ ଏହି ଶ୍ରେଣୀ ଭୁକ୍ତ ଅଟେ ।



## ଘରୋଇ ହିଂସାରେ ଅଧିକ ମହିଳା ଶିକାର

ସମଗ୍ର ବିଶ୍ୱରେ ୧୯ ରୁ ୫୫ % ମହିଳା ଖୁବ୍ ଗମ୍ଭୀର ଶାରୀରିକ ନିର୍ଯାତନାର ଶିକାର ହୋଇଥାନ୍ତି । ସେହିପରି ଘରୋଇଭାବେ ମାନସିକ ନିର୍ଯାତନାରେ ଅତିଷ୍ଠ ହୋଇ ଆଠ ପ୍ରତିଶତ ମହିଳା ଆତ୍ମହତ୍ୟା କରିବାକୁ ଶ୍ରେୟ ମଣନ୍ତି । ପୁଣି ଭାରତୀୟ ନ୍ୟାୟ ବ୍ୟବସ୍ଥା, ସ୍ତ୍ରୀର ବୟସ ଯଦି ପନ୍ଦର ବର୍ଷରୁ ଅଧିକ ହୋଇଥାଏ, ତେବେ ବୈବାହିକ ସମ୍ବନ୍ଧ ମଧ୍ୟରେ ଦୁଷ୍କର୍ମକୁ ଏକ ଅପରାଧ ବୋଲି ବିବେଚନା କରେ ନାହିଁ । ସେହିପରି ଅନର୍ କିଲିଂ ଗୋଟିଏ ଅତ୍ୟନ୍ତ ସମ୍ବେଦନଶୀଳ ପ୍ରସଙ୍ଗ, ଯେଉଁଥିରେ ପରିବାରର ଜଣେ ସଦସ୍ୟଙ୍କୁ ଆଉ ଜଣେ ବା ଅଧିକ ସଦସ୍ୟ କରନ୍ତି ହତ୍ୟା, ସାମାଜିକ ସମ୍ମାନହାନି ହେବା ଭୟରେ, ଯେମିତିକି ପରିବାରର ଇଚ୍ଛା ବିରୋଧରେ ବିବାହ, ବିବାହ ବାହାରେ ସମ୍ପର୍କ ସ୍ଥାପନ, ସମଲିଙ୍ଗୀ ସଂପର୍କ ସ୍ଥାପନ ଆଦି ଅନ୍ତର୍ଭୁକ୍ତ ।

ଘରୋଇ ହିଂସାର ପ୍ରମୁଖ କାରଣଟି ହେଉଛି, ଅପରାଧକୁ ନୀରବ ରହି ମୁଣ୍ଡ ପୋତି ସହିଯିବା, ତାହାର ବିରୋଧ ନ କରିବା । ଯେତେବେଳେ ଜଣେ ଅନ୍ୟାୟକୁ, ଅତ୍ୟାଚାରକୁ ବିରୋଧ କରେ ନାହିଁ, ଅପରାଧୀକୁ ନିଜ ଭୁଲ୍ କାର୍ଯ୍ୟଟିର ପୁନରାବୃତ୍ତି କରିବା ପାଇଁ ଅଧିକ ଉତ୍ସାହ ମିଳେ । ଏଥି ସହିତ ଶିକ୍ଷାଗତ ଆଯୋଗ୍ୟତା, ମାନସିକ ଦୁର୍ବଳତା, ଉଚିତ ବୁଝାମଣା କରିପାରିବାରେ ଅକ୍ଷମତା, ଶୈଶବରେ ଘଟିଥିବା କୌଣସି ଦୁର୍ଘଟଣା ହେତୁ ଭୟ ଓ ସର୍ବୋପରି ଅଭିଯୁକ୍ତ ଉପରେ ମାତ୍ରାଧିକ ନିର୍ଭରଶୀଳତା, ପୀଡ଼ିତାକୁ ଅତ୍ୟାଚାର ସହି ଯିବା ପାଇଁ ବାଧ୍ୟ କରେ । ଅପରପକ୍ଷେ ଅଭିଯୁକ୍ତଟି ଡରାଇ, ଧମକାଇ ଏପରିକି ଶାରୀରିକ ଆଘାତ ମାଧ୍ୟମରେ ପୀଡ଼ିତା ଉପରେ ନିଜ ଅଧିକାର ସାବ୍ୟସ୍ତ କରିବାକୁ ଚାହେଁ । ଏପରି ଅମାନବୀୟ ଆଚରଣ ପ୍ରଦର୍ଶନ କରୁଥିବା ଅପରାଧୀ ବି ଗୋଟିଏ ଅସୁସ୍ଥ ମସ୍ତିଷ୍କ ଯିଏ କି ନିଜେ ଶୈଶବରେ ଘରୋଇ ହିଂସାର ଶିକାର ହୋଇଥିଲା ଅବା ତା' ଆଗରେ ଏପରି ହେଉଥିବାର ପ୍ରତ୍ୟକ୍ଷଦର୍ଶୀ ଥିଲା । ତା' ସହିତ ନିଶା ସେବନ ଏପରି ଆଚରଣ କୁ ଅଧିକ ପ୍ରୋତ୍ସାହନ ଦିଏ ବୋଲି ମନୋବୈଜ୍ଞିକଙ୍କ ମତ ଅଟେ ।

**ଗୋଟିଏ ରିପୋର୍ଟ ଅନୁସାରେ ୨୦୦୫ ମସିହାରେ ୩୩.୫% ମହିଳା ଘରୋଇ ହିଂସାର ଶିକାର ହୋଇଥିଲା ବେଳେ ୮.୫% ମହିଳା ଯୌନ ଶୋଷଣର ଶିକାର ହୋଇଥିଲେ । ଭାରତର ପ୍ରାୟ ୨୭ ମିଲିୟନ ମହିଳା ଘରୋଇ ହିଂସାର ଶିକାର ହୁଅନ୍ତି ବୋଲି ଏହି ରିପୋର୍ଟ ପ୍ରକାଶ କରିଛି । ସେହିପରି 'ଥମ୍ସନ ରିଉଟର ଫାଉଣ୍ଡେସନ୍' ପକ୍ଷରୁ କୁହାଯାଇଛି ଯେ, ମହିଳାମାନଙ୍କ ପାଇଁ ଭାରତ ଗୋଟିଏ ଅତ୍ୟନ୍ତ ବିପଦଜନକ ଦେଶ ଅଟେ ।**

**ଘରୋଇ ହିଂସାକୁ ପ୍ରତିହତ କରିବା ପାଇଁ ଅନେକ ଆଇନ୍ କାନୁନ ଥିଲେ ବି ସବୁଠାରୁ ପ୍ରଥମେ ଯୌତୁକ ନିରୋଧ ଆଇନ ୧୯୬୧ ଲାଗୁ କରା ଯାଇଥିଲା, ଯାହା ଯୌତୁକ ଦେବା ଓ ନେବା ଉଭୟକୁ ଦଣ୍ଡନୀୟ ଅପରାଧ ଭାବେ ବିବେଚନା କରିଛି । ନିକଟରେ protection of women from domestic violence ACT ,PWDVA 2005 ପାରିତ ହୋଇଛି ଯାହା ମହିଳାମାନଙ୍କୁ ସମସ୍ତ ପ୍ରକାରର ଘରୋଇ ହିଂସାରେ ସୁରକ୍ଷା ପ୍ରଦାନ କରିବା ପାଇଁ ଉଦ୍ଦିଷ୍ଟ । ଏଥିରେ ମହିଳାମାନଙ୍କୁ ମାଗଣା ଆଇନ ସହାୟତା ଯୋଗାଇ ଦିଆଯାଏ ।**

ଶୁଣିବାକୁ ଆଶ୍ଚର୍ଯ୍ୟ ଲାଗିଲେ ବି ଏହା ନିରାଟ ସତ୍ୟ ଯେ, ଆଜି ମହିଳାଟିଏ ରନ୍ଧାଶାଳରୁ ବାହାରି ରଣକ୍ଷେତ୍ରରେ ପହଞ୍ଚି ଯାଇଥିଲେ ବି କିଛି ଅଶିକ୍ଷିତ ଓ ଅସାମାଜିକଙ୍କ ପାଇଁ ଆଜି ବି ସେ ଗୋଟିଏ ବସ୍ତୁ ହୋଇ ରହିଯାଇଛି, ଯାହାର ସ୍ଥାନ କେବଳ ରନ୍ଧାଘରେ ଓ ଶେଯ ଉପରେ । ନା କୌଣସି କଥାରେ ତା'ର କହିବାର ଶକ୍ତି ଅଛି, ନା ତା'ର ମତାମତ ଲୋଡ଼ା ଯାଏ । ଯେଉଁଥିପାଇଁ ଆଜି ଭାରତରେ ପ୍ରତି ଦଶ ଜଣରେ ତିନି ଜଣ ମହିଳା ଘରୋଇ ହିଂସାରେ ପୀଡ଼ିତ । କିନ୍ତୁ ଜଣେ ନିଜେ ମୁହଁ ଖୋଲି ନକହିବା ପର୍ଯ୍ୟନ୍ତ ତାକୁ କେହି ସାହାଯ୍ୟ କରି ପାରିବ ନାହିଁ । ଆହୁରି ଏହାକୁ ସେମାନଙ୍କ ବ୍ୟକ୍ତିଗତ ଜୀବନ ବୋଲି କହି ଅନେକ ସମୟରେ ଲୋକେ ଦେଖୁଥିଲେ ବି ପ୍ରତିବାଦ କରିବା ପାଇଁ ଅନୁଚିତ ମଣନ୍ତି ।

ଆଖିରୁ ଲୁହ ଝରାଇ ନୀରବ ରହି ଭାଗ୍ୟକୁ ଦୋଷ ଦେବାର ସମୟ ସରି ଯାଇଛି । ଏବେ ନିଜ ଅଧିକାରକୁ ସାବ୍ୟସ୍ତ କରିବାର ସମୟ । ଜୀବନକୁ ସ୍ୱଚ୍ଛନ୍ଦରେ ଜିଇଁବାର ବେଳ । ମହିଳା ହୁଅନ୍ତୁ ବା ପୁରୁଷ, ଶିଶୁ ଅବା ବୟସ୍କ, ଘର ଭିତରେ ସମସ୍ତେ ନିଜକୁ ସୁରକ୍ଷିତ ମଣିବା, ନିହାତି ଆବଶ୍ୟକ । ଅନ୍ୟଥା ସେମାନଙ୍କ ମାନବିକ ଅଧିକାର କ୍ଷୁଣ୍ଣ ହେଉଛି ବୋଲି ଜାଣିବାକୁ ହେବ । ସରକାର ଯେତେ ଆଇନ କାନୁନର ବ୍ୟବସ୍ଥା କରି ଦେଲେ ମଧ୍ୟ ନିଜ ଅଧିକାର ପ୍ରତି ସଚେତନ ରହି ଅନ୍ୟାୟ ବିରୋଧରେ ସ୍ୱର ଉତ୍ତୋଳନ ନ କଲେ ଆଖିର ଲୁହ ଓଠରେ ପିଇବା ସାର ହେବ । ଗଣମାଧ୍ୟମଠାରୁ ପ୍ରଶାସନ, ସରକାରଙ୍କଠାରୁ ବୁଦ୍ଧିଜୀବୀମାନଙ୍କୁ ନେଇ ସମସ୍ତଙ୍କର ସହଯୋଗରେ ଏପରି ଏକ ସମାଜ ଗଠନ ହେବାର ଆବଶ୍ୟକତା ରହିଛି ଯେଉଁଠି, ପ୍ରତ୍ୟେକଙ୍କୁ ସମ୍ମାନର ସହ ସ୍ୱଚ୍ଛନ୍ଦରେ ଜୀବନ ଅତିବାହିତ କରିବାର ଅଧିକାର ମିଳିବ । ଅନ୍ୟଥା ଆମେ ନିଜକୁ ସଭ୍ୟ ବୋଲି କହି ପାରିବା ନାହିଁ । ■

ଭୁବନେଶ୍ୱର
ମୋ: ୯୪୩୭୪୫୩୬୧୦



### ମାନସିକ ନିର୍ଯାତନା

କଟୁ ଭାଷା ପ୍ରୟୋଗ କରିବା, କୌଣସି ନିର୍ଦ୍ଦିଷ୍ଟ ନାମ ଦେଇ ଡାକିବା, ପ୍ରାୟ ସମୟରେ ଜଣକୁ ଛୋଟ ଦର୍ଶାଇ ତାକୁ ଥଟ୍ଟା ମଜା ପରିହାସ କରିବା, ତା'ର ଚରିତ୍ର ଓ ଶାରୀରିକ ଅକ୍ଷମତାକୁ ନେଇ ନିୟମିତ ଭର୍ତ୍ସନା କରିବା, ଜଣକୁ ତା'ର ସାଙ୍ଗସାଥୀ, ପରିବାରଜନଙ୍କ ସହିତ ସମ୍ପର୍କ ରଖିବାରେ ବାରଣ କରିବା ଓ ସାମାଜିକ ଉତ୍ସବ ଆଦିରେ ଅଂଶ ଗ୍ରହଣ ପାଇଁ ବିରୋଧ କରିବା ଆଦି ମାନସିକ ନିର୍ଯାତନା ବା ହିଂସାର ଅନ୍ତର୍ଭୁକ୍ତ ଅଟେ ।

### ଯୌନ ଉତ୍ପୀଡ଼ନ

ବୈବାହିକ ଜୀବନରେ ଶାରୀରିକ ସମ୍ପର୍କ ରଖିବା ଏକ ସ୍ୱାଭାବିକ ପ୍ରକ୍ରିୟା ହୋଇଥିଲେ ମଧ୍ୟ ଅନେକ କ୍ଷେତ୍ରରେ ଜଣକ ଇଚ୍ଛା ଓ ଅନିଚ୍ଛାକୁ ଗୁରୁତ୍ୱ ନଦେଇ ଜୀବନସାଥୀ ସହିତ ଜବରଦସ୍ତି କରିବା, ଅପ୍ରାକୃତିକ ଯୌନ ସଂପର୍କ ସ୍ଥାପନ କରିବା ଆଦି ଯୌନ ହିଂସା ବା ନିର୍ଯାତନା ଅନ୍ତର୍ଭୁକ୍ତ ହୋଇଥାଏ । ଏସବୁ ବ୍ୟତୀତ ବିରଳତମ ଘଟଣା ଭାବେ ଦେଖିବାକୁ ମିଳେ ଯେ, କେତେକ କ୍ଷେତ୍ରରେ ସ୍ୱାମୀଟିଏ ସ୍ତ୍ରୀ ଉପରେ ନିଜର ମାଲିକାନା ଦର୍ଶାଇ ତାକୁ ନିଜ ବାପା, ଭାଇ ଓ ସାଙ୍ଗମାନଙ୍କ ସହିତ ଯୌନ ସଂପର୍କ ରଖିବାକୁ ବାଧ୍ୟ କରେ । କେତେକ ସ୍ଥାନରେ ଏପରି ମଧ୍ୟ ଦେଖା ଯାଇଛି ଯେ, ସ୍ୱାମୀ ଅନ୍ୟ ସ୍ତ୍ରୀ ସହିତ ଶାରୀରିକ ସମ୍ପର୍କ ରଖିବା ସମୟରେ ନିଜ ସ୍ତ୍ରୀକୁ ତାହା ଦେଖିବା ପାଇଁ ବାଧ୍ୟ କରିଛି ।


### ଅର୍ଥନୈତିକ ହିଂସା

ଜଣଙ୍କର ଅର୍ଥନୈତିକ ସ୍ୱାଧୀନତାରେ ଅତ୍ୟଧିକ ହସ୍ତକ୍ଷେପ, ଦୈନନ୍ଦିନ ଖର୍ଚ୍ଚ ଉପରେ କଟକଣା ଓ ରୋଜଗାରକ୍ଷମ ହେବାର ଦକ୍ଷତା ଥିଲେ ବି ସେଥିପାଇଁ ତାକୁ ବିରୋଧ କରିବା ଏହି ହିଂସାର ଅଂଶ ଅଟେ । ପୁଣି କେତେକ କ୍ଷେତ୍ରରେ ମହିଳାଟିଏ ରୋଜଗାର କରି ଆଣୁଥିଲେ ବି ନିଜ ରୋଜଗାର ଉପରେ ତା'ର ଅଧିକାର ନ ଥାଏ । ସ୍ୱାମୀ ବା ଶଶୁର ଘର ଲୋକଙ୍କ ବିନା ଅନୁମତିରେ ସେ ନିଜ ପାଇଁ ମଧ୍ୟ ଖର୍ଚ୍ଚ କରି ପାରେ ନାହିଁ ।



### ଘରୋଇ ହିଂସାକୁ ନେଇ ଆଇନ

କାହିଁ କେଉଁ କାଳରୁ ସବୁଠାରୁ ସୁରକ୍ଷିତ ମନେ କରା ଯାଉଥିବା ଘର ଭିତରେ ଦୁର୍ବଳ ଉପରେ ସବଳ ଅତ୍ୟାଚାର କରି ତା' ଜୀବନକୁ ଅସୁରକ୍ଷିତ କରି ଆସିଛି ତା'ର କୌଣସି ନିର୍ଦ୍ଦିଷ୍ଟ ପ୍ରମାଣ ନଥିଲେ ବି ଏନ୍‌ସାଇକ୍ଲୋପିଡିଆ ବ୍ରିଟାନିକାରେ ଉଲ୍ଲେଖ ରହିଛି ଯେ, ଅଠର ଶହ ଶତାବ୍ଦୀରେ ଅଧିକାଂଶ ଦେଶର ନ୍ୟାୟ ବ୍ୟବସ୍ଥା ସ୍ତ୍ରୀ ଉପରେ ସ୍ୱାମୀର ଅତ୍ୟାଚାରକୁ ସ୍ୱାମୀର ଅଧିକାର ବୋଲି ବିବେଚନା କରୁଥିଲା । ତେବେ ୧୯୯୦ ପରେ ଆଇନ୍ ବ୍ୟବସ୍ଥା ଏହି ଘୃଣ୍ୟ କାର୍ଯ୍ୟକୁ ଅପରାଧ ଭାବେ ବିବେଚନା କରି, ବ୍ୟକ୍ତିଗତ ପାରିବାରିକ ଜୀବନ ମଧ୍ୟରେ କୌଣସି ପରିବାର ଜନ, ହିଂସାର ଶିକାର ହେବାକୁ ଗୋଟିଏ ଦଣ୍ଡନୀୟ ଅପରାଧ ବୋଲି ଆଖ୍ୟା ଦେଇ ୧୯୯୩ରେ ୟୁ. ଏନ୍. ଦ୍ୱାରା ପ୍ରକାଶ ପାଇଲା, Strategies for confronting domestic violence, ଯାହା ବିଧିବଦ୍ଧଭାବେ ଘରୋଇ ହିଂସାଜନିତ ଘଟଣାକୁ ଅପରାଧର ଆଖ୍ୟା ଦେଲା । ତେବେ ଜାତୀୟ ପରିବାର ଓ ସ୍ୱାସ୍ଥ୍ୟ କଲ୍ୟାଣ ବିଭାଗ ପକ୍ଷରୁ ପ୍ରକାଶିତ



# ଘରୋଇ ହିଂସାକୁ ନେଇ ଆଇନ





ଗଦାଧର ବଳ

ବିଦ୍ୟାଃ ସମସ୍ତବ ଦେବି ଭେଦାଃ
ସ୍ତ୍ରିୟାଃ ସମସ୍ତା ସକଳାଜଗସ୍ତୁ ।
ତ୍ୱୟୈକୟା ପୂରିତମମ୍ବୟୈତତ୍
କା ତେ ସ୍ତୁତିଃ ସ୍ତବ୍ୟପରା ପରୋକ୍ତିଃ ।

(ଶ୍ରୀ ଦୁର୍ଗାସପ୍ତଶତି-୧୧/ ୬)

ଅର୍ଥାତ ନାରୀ ଦେବୀ ଦୁର୍ଗାଙ୍କର ଅବତାର ଓ ବିଶ୍ୱର ସର୍ବଶକ୍ତିମାନ ଅଟନ୍ତି ।

ବିଶିଷ୍ଟ ଆମେରିକୀୟ କବି ତଥା ସାମ୍ବାଦିକ ୱାଲ୍ଟ ହୁଇଟ୍‌ମ୍ୟାନଙ୍କ ଭାଷାରେ, "ଯେତେବେଳେ ଜଣେ ନାରୀ ରାସ୍ତାରେ ପୁରୁଷମାନଙ୍କ ସହ ସର୍ବସାଧାରଣରେ ଭ୍ରମଣ କରି ପାରିବ, ପୁରୁଷମାନଙ୍କ ପରି ସବୁ ସ୍ଥାନକୁ ପ୍ରବେଶ କରିପାରିବ ବା ଲିଙ୍ଗଗତ ବୈଷମ୍ୟତାର ଊର୍ଦ୍ଧ୍ୱରେ ରହି ସବୁ କାର୍ଯ୍ୟ କରି ପାରିବ, ସେତେବେଳେ ହିଁ ଉଭୟଙ୍କ ମଧ୍ୟରେ ସଂପର୍କର ଏକ ସୁନ୍ଦର ସେତୁ ପ୍ରତିଷ୍ଠା ହୋଇପାରିଛି ବୋଲି କୁହାଯିବ ।" ନାରୀଶକ୍ତିର ପ୍ରତୀକ, ବିନା ଶକ୍ତିରେ ଶିବ ଶବ ପଦବାଚ୍ୟ ହୁଏ । ପୁରୁଷର ଶକ୍ତିର ଉତ୍ସ ହେଉଛି ନାରୀ । ଯଜୁଃ ବେଦରେ ନାରୀମାନଙ୍କୁ ଦଶ ଗୁଣ ସଂପର୍ଣ୍ଣା ବୋଲି ଉଲ୍ଲିଖିତ ରହିଛି । ନାରୀ ପୁରୁଷର ଅର୍ଦ୍ଧାଙ୍ଗିନୀ ଓ ସେ ଗୃହର ଭଗିନୀ, ସ୍ତ୍ରୀ ଆଉ ମାଆ । ତା'ର ଉତ୍ସର୍ଗୀକୃତ ସେବା ପାଇଁ ସେ ସମଗ୍ର ମାନବ ଜାତିର ଜଣେ ହିତୈଷୀ । ମାତ୍ର ସେଇ ନାରୀ ସବୁବେଳେ ଅକୁହା ଯନ୍ତ୍ରଣାରେ ଜୀବନ ସହ ସଂଗ୍ରାମ କରି ବଞ୍ଚେ । ଅକୁହା ଗର୍ଭ ଯନ୍ତ୍ରଣା ସହି ସେଇ ନାରୀ ମାଆ ହେବାର କଷ୍ଟକୁ ନିଜର ସୌଭାଗ୍ୟ ବୋଲି ଭାବିଥାଏ । ତେବେ ବର୍ତ୍ତମାନ ସମାଜରେ ମହିଳାଙ୍କ ପ୍ରତି ନିର୍ଯାତନା ବଢ଼ିବାରେ ଲାଗିଛି । ଏପରିକି ଘରୋଇ ହିଂସା ମଧ୍ୟ ଦିନକୁ ଦିନ ବଢ଼ିବାରେ ଲାଗିଛି । ଫଳରେ ଅନେକ ମହିଳାମାନେ ଘର ଭିତରେ ଓ ବାହାରେ ନିଜକୁ ସୁରକ୍ଷିତ ମଣୁ ନାହାନ୍ତି ।

## ନାରୀମାନଙ୍କ ସାମ୍ବିଧାନିକ ଅଧିକାର

ନାରୀ ନିର୍ଯାତନା ବୃଦ୍ଧି ଘଟଣାକୁ ନେଇ ସମ୍ବିଧାନ ପ୍ରଣେତାମାନେ ଭାରତୀୟ ମହିଳାମାନଙ୍କୁ ସ୍ୱାଧୀନତା ପରେ ଅନେକ ସାମ୍ବାଧାନିକ ଅଧିକାର ପ୍ରଦାନ କଲେ । ଅନୁଚ୍ଛେଦ ୧୪ରେ ମହିଳାମାନଙ୍କ ସୁରକ୍ଷା ପାଇଁ ଅଧିକାର ଉଲ୍ଲିଖିତ କଲେ, ଲିଙ୍ଗଗତ ବୈଷମ୍ୟତା ଦୂରୀକରଣ ପାଇଁ ଅନୁଚ୍ଛେଦ ୧୫ (କ), ସାମାଜିକ ତଥା ଆମ୍‌ସଂସ୍ଥାନ କ୍ଷେତ୍ରରେ ଅଧିକାର ମଧ୍ୟ ସାମିଲ କରାଗଲା । ଅନୁଚ୍ଛେଦ ୧୯ ରେ ପ୍ରତି ପୁରୁଷ ଓ ନାରୀ ଊର୍ଦ୍ଧ୍ୱରେ ରହି ସବୁ ନାଗରିକର ସ୍ୱାଧୀନ ଭାବରେ ମତ ରଖିବାର ଅଧିକାର ଓ ସ୍ୱାଧୀନ ଭାବରେ ଜୀବନ ଯାପନ ପାଇଁ ଅନୁଚ୍ଛେଦ ୨୧ ରେ ଉଲ୍ଲିଖିତ ରହିଲା । ଏପରି ଭାବରେ ମହିଳାମାନଙ୍କୁ ପୁରୁଷ ତୁଲ୍ୟ ବିଭିନ୍ନ ଅଧିକାର ଦିଆଗଲା । ସରକାର ଜେଣ୍ଡର୍ ଇକ୍ୟୁଆଲିଟି ବା ଲିଙ୍ଗଗତ ବୈଷମ୍ୟତା ଉପରେ ଗୁରୁତ୍ୱ ଦେଇ ଆସିଛନ୍ତି ।

## ଘରୋଇ ହିଂସାର ଶିକାର ନାରୀ

ପୁରୁଷ କୈନ୍ଦ୍ରିକ ସମାଜରେ ନାରୀମାନଙ୍କର ଜୀବନ ଯାପନରେ ଅନେକ ପ୍ରକାରର ବାଧା ଉପୁଜି ଥାଏ । ଏହାକୁ ଆଖି ଆଗରେ ରଖି ୨୦୦୫ ମସିହାରେ ଘରୋଇ ହିଂସା ଆଇନ ପ୍ରଣୟନ ହୋଇ କାର୍ଯ୍ୟ କରୁଅଛି । ଏହି ଆଇନ ଲିଙ୍ଗଗତ ବୈଷମ୍ୟତା ଦୂରୀକରଣର ଆଇନଗତ ଅସ୍ତ୍ର କହିଲେ ଅତ୍ୟୁକ୍ତି ହେବନି । ମାତ୍ର ଏହା ଏକ ସିଭିଲ୍ ଆଇନ ହୋଇଥିବାରୁ ଏଥିରେ କଠୋର ଦଣ୍ଡ ବିଧାନ ବ୍ୟବସ୍ଥା ନାହିଁ ।

ଆଜି ସମଗ୍ର ବିଶ୍ୱ ଘରୋଇ ହିଂସାରେ କବଳିତ । ୧୯୯୫ ମସିହାରେ ବେଜିଂ ପ୍ଲାଟ୍‌ଫର୍ମରେ ଲିଙ୍ଗଗତ ବୈଷମ୍ୟତା ଦୂର କରିବା ପାଇଁ ଏକ ବିଶ୍ୱସ୍ତରୀୟ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । ପରେ ଭାରତ ଓ ମାଲୱାର ଜାତୀୟ ଲିଙ୍ଗଗତ ବୈଷମ୍ୟତା ଉଗ୍ର ଥିବାର ଅନୁଭବ କରିଥିଲେ । ସମଗ୍ର ଭାରତ ବର୍ଷର ୧୫ ବର୍ଷରୁ ୪୫ ବର୍ଷ ମଧ୍ୟରେ ୪୦ ଶତକଡ଼ା ବିବାହିତ ମହିଳାମାନେ ଏଥିରେ ଶିକାର ହେଉଥିବାର ରିପୋର୍ଟରେ ଦର୍ଶାଯାଇଛି ।

୨୦୦୫ ମସିହାରେ ଘରୋଇ ହିଂସା ଆଇନ ପ୍ରଣୟନ ହୋଇ ୨୦୦୬ ମସିହାରୁ କାର୍ଯ୍ୟ କରି ଆସୁଛି । ଏହି ଆଇନ କ୍ୱାସି କ୍ରିମିନାଲ ଥିବାରୁ ମାଜିଷ୍ଟ୍ରେଟ୍ ସିଧାସଳଖ ଜେଲ ପଠାଇ ପାରିବେ ନାହିଁ । ଆଇ.ବି.ଏମ୍ ଷ୍ଟାଟିଟିକ୍ସ ରିପୋର୍ଟ ଅନୁଯାୟୀ, ଗତ ୨୦୧୯-୨୦ ମସିହାରେ ଘରୋଇ ବା ପାରିବାରିକ ହିଂସାରେ ଶିକାର ହୋଇଥିବା ମହିଳାମାନଙ୍କ ସଂଖ୍ୟା ୩୧.୨% । ତନ୍ମଧ୍ୟରୁ ପାଖାପାଖି ୨୮.୫% ଶାରୀରିକ, ୧୩.୧ % ଭାବନାତ୍ମକ ଓ ୫.୭% ମହିଳାମାନଙ୍କୁ ଯୌନ ଉତ୍ପୀଡ଼ନ ଅଭିଯୋଗ



ହୋଇଛି । ସେହିପରି ୧୧.୩% (୨.୨ ନିୟୁତ) ମହିଳା ନିଜର ସ୍ୱାମୀଙ୍କଠାରୁ ୫.୯ % (୧.୧ ନିୟୁତ) ମହିଳା ନିଜର ପୁରୁଷ ବନ୍ଧୁଙ୍କଠାରୁ, ୭.୦% (୧.୧ନିୟୁତ) ମହିଳା ନିଜ ପରିବାରରୁ ପାରିବାରିକ ହିଂସାର ଶିକାର ହୋଇଛନ୍ତି ବୋଲି ରିପୋର୍ଟରେ ଉଲ୍ଲେଖ ରହିଛି । ଭାରତରେ ସଂଗଠିତ ଅଧିକାଂଶ ଘରୋଇ ହିଂସାରେ ପୀଡ଼ିତା ମହିଳା ନିଜ ପରିବାର ସଦସ୍ୟ ତଥା ସଂପର୍କୀୟମାନଙ୍କ ଦ୍ୱାରା ନିର୍ଯାତିତ ହୋଇଥାନ୍ତି । ଯଦିଓ ପୁରୁଷମାନେ ମଧ୍ୟ ମିଥ୍ୟା ଯୌତୁକ ନିର୍ଯାତନା କେଶ୍‌ରେ ଫଶି ଘରୋଇ ହିଂସାର ଶିକାର ହୋଇଥାନ୍ତି, ମାତ୍ର ଏ ଆଇନ କେବଳ ମହିଳାମାନଙ୍କ ସୁରକ୍ଷା ପାଇଁ ଉଦ୍ଦିଷ୍ଟ । ୨୦୦୫ ଜାତୀୟ ପରିବାର ଓ ସ୍ୱାସ୍ଥ୍ୟ ସର୍ଭେ ତଥ୍ୟ ଅନୁଯାୟୀ, ସାଧାରଣତଃ ୧୫ ରୁ ୪୯ ବର୍ଷ ମହିଳାମାନଙ୍କ ମଧ୍ୟରେ ୩୩.୫ % ଓ ୮.୫ % ମହିଳାମାନେ ଘରୋଇ ହିଂସାର ଶିକାର ହୋଇଥାନ୍ତି । ୨୦୧୪ ଲାନ୍‌ସେଟ୍ ରିପୋର୍ଟ ଅନୁଯାୟୀ, ବିଶ୍ୱର ଘରୋଇ ହିଂସାର ଶିକାର ହେଉଥିବା ମହିଳାମାନଙ୍କ ମଧ୍ୟରେ ଭାରତୀୟ ମହିଳାମାନଙ୍କ ସଂଖ୍ୟା ଅତି ନ୍ୟୁନ । ଘରୋଇ ହିଂସାରେ ଶିକାର ହେଉଥିବା ସର୍ବାଧିକ ଜନସଂଖ୍ୟା ବିଶିଷ୍ଟ ଦେଶ ଭାରତର ଅଧିବାସୀମାନଙ୍କ ସଂଖ୍ୟା ୨୭.୫ ନିୟୁତ । ମାତ୍ର ଥମ୍‌ସନ୍ ରିଉଟର ଫାଉଣ୍ଡେସନ୍ ର୍‍ୟାଙ୍କ ଅନୁଯାୟୀ ଭାରତ ହେଉଛି ଘରୋଇ ହିଂସା କ୍ଷେତ୍ରରେ ଅତି ବିପଦ ପୂର୍ଣ୍ଣ । ୨୦୧୨ ଏନ୍. ସି.ବି.ଆର୍. ରିପୋର୍ଟ ଅନୁଯାୟୀ ପ୍ରତି ୧ ଲକ୍ଷ ଜନସଂଖ୍ୟା ମଧ୍ୟରେ ୪୬ ଜଣ ଘରୋଇ ହିଂସା, ୨ ଜଣ ଧର୍ଷଣ ବା ଯୌନ ଶୋଷଣର, ୦.୭ ଜଣ ଯୌତୁକ ନିର୍ଯାତନା ବା ଯୌତୁକ ଜନିତ ଆତ୍ମହତ୍ୟାର ଶିକାର ହୋଇ ମୃତ୍ୟୁ ବରଣ କରନ୍ତି । ସେହିପରି ୫.୯ ଜଣ ନିଜ ସ୍ୱାମୀ ବା ଶ୍ୱଶୁର ଘରର ଲୋକମାନଙ୍କ ଦ୍ୱାରା ଘରୋଇ ହିଂସାର ଶିକାର ହେଉ ଥିବା ମହିଳା ଅଟନ୍ତି । ଯୁକ୍ତରାଷ୍ଟ୍ର ଆମେରିକାକୁ ଦେଖିଲେ ଜଣାଯାଏ, ୧ ଲକ୍ଷ ଲୋକମାନଙ୍କ ମଧ୍ୟରୁ ୫୯୦ ଜଣ ଘରୋଇ ହିଂସାର ଶିକାର ହେଉଥିବା ବେଳେ ୟୁନାଇଟେଡ୍ ନେସନ୍‌ସ ତଥ୍ୟ ଅନୁଯାୟୀ ସମଗ୍ର ବିଶ୍ୱରେ ଏକ ଲକ୍ଷ ଜନ ସଂଖ୍ୟା ମଧ୍ୟରୁ ୬.୨ ଜଣ ମହିଳା ଏଥିରେ ପୀଡ଼ାତା ଥାଇ ଆତ୍ମହତ୍ୟା କରବାକୁ ବାଧ୍ୟ ହୋଇଥାନ୍ତି ।

ଆମ ଦେଶରେ ମହିଳାମାନଙ୍କ ସୁରକ୍ଷା ପାଇଁ ଅନେକ ଆଇନ ପ୍ରଣୟନ ହୋଇଛି । ବହୁ ଆଗରୁ ଯୌତୁକ ନିରୋଧ ଅଇନ ୧୯୬୧ ମସିହାରୁ ପ୍ରଚଳିତ ହୋଇ କାର୍ଯ୍ୟ କରୁଛି । ତାକୁ ଦୃଷ୍ଟିରେ ରଖି ୧୯୮୪ ମସିହାରେ ଭାରତୀୟ ପିଙ୍ଗଲ କୋଡ୍‌ରେ ଦଫା ୪୯୮(କ) ଓ ୧୯୮୬ ମସିହାରେ ଦଫା ୩୦୪(ଖ) ସଂଶୋଧିତ ହୋଇ ଯୋଗ କରାଯାଇଛି । ମହିଳାମାନଙ୍କୁ ଶାରୀରିକ, ଭାବନାତ୍ମକ, ମାନସିକ, ଆର୍ଥିକ, ମୌଖିକ ତଥା ଯୌନ ଉତ୍ପୀଡ଼ନରୁ ସୁରକ୍ଷା ପାଇଁ ୨୦୦୫ ମସିହାରେ ଘରୋଇ ହିଂସା ନିରୋଧ ଆଇନ ପ୍ରଣୟନ ହୋଇସାରିଛି । ୨୦୦୫ ମସିହା ପ୍ରାରମ୍ଭରେ ଜାତୀୟ ମହିଳା କମିଶନଙ୍କ ନିକଟରେ ମୋଟ ୭,୬୯୮ ଗୋଟି ମାମଲା ରୁଜୁ ହୋଇଛି, ସେଥିମଧ୍ୟରୁ ୧,୫୯୪ ଗୋଟି ଘରୋଇ ହିଂସା ଆଇନ ଅଧୀନରେ ।





## ଓଡ଼ିଶାରେ ମହିଳା ହିଂସା

୨୦୨୨ ମସିହାରେ ପ୍ରକାଶିତ ଏନ୍. ସି. ଆର୍. ବି. ରିପୋର୍ଟ ଅନୁଯାୟୀ ଓଡ଼ିଶାର ୨୦୨୨ ମସିହାରେ ମହିଳା ହିଂସା ପାଇଁ ମୋଟ ୨୫୪୮୯ଟି ମାମଲା ମଧ୍ୟରୁ ୩୭୩୭ ଜଣଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରା ଯାଇଛି । ସେଥି ମଧ୍ୟରୁ ବିଚାର ପରେ ମୋଟ ୧୪୪ଟି ମାମଲାରେ ଦୋଷୀମାନଙ୍କୁ ଦଣ୍ଡିତ କରାଯାଇଥିବା ବେଳେ ୧୪୨୭ ଜଣ ପ୍ରମାଣ ଅଭାବରୁ ନିର୍ଦ୍ଦୋଷରେ ଖଲାସ କରାଯାଇଛି ଓ ୧୫୭ ଜଣଙ୍କୁ ବିଚାର ପରେ ଦୋଷୀ ସାବ୍ୟସ୍ତ କରି ଦଣ୍ଡିତ କରାଯାଇଛି । ୨୦୨୧ ମସିହାରେ ୩୧୩୫୨ଟି ମାମଲା ମଧ୍ୟରୁ ୧୯୩ ଜଣଙ୍କୁ ଦଣ୍ଡିତ କରାଯାଇଥିବା ବେଳେ ୨୧୨୯ ଜଣ ନିର୍ଦ୍ଦୋଷରେ ଖଲାସ ହୋଇଛନ୍ତି ।

## ଘରୋଇ ହିଂସା ପ୍ରବଣ ରାଜ୍ୟ

ଘରୋଇ ହିଂସାର ହାରାହାରି ତଥ୍ୟ ଅନୁଯାୟୀ, ୮.୪% ସାକ୍ଷାତକାର ବେଳେ ହିଂସାର ସମ୍ମୁଖୀନ ହୋଇଥାନ୍ତି । ଦେଶରେ ସର୍ବାଗ୍ରେ ଘରୋଇ ହିଂସାର ଶିକାର ହୋଇଥିବା ରାଜ୍ୟଗୁଡ଼ିକ ମଧ୍ୟରେ କର୍ଣ୍ଣାଟକ ୪୭.୩%, ବିହାର ୪୨.୩%, ମଣିପୁର ଓ ତେଲେଙ୍ଗାନା ୪୦.୨% ରହିଛି । ତେବେ ଘରୋଇ ହିଂସା ସର୍ବନିମ୍ନ ରାଜ୍ୟ ଭାବରେ ଗୋଆ ୯.୮% ରହିଛି । ସେହିପରି ଲାକ୍ଷାଦ୍ୱୀପରେ ଘରୋଇ ହିଂସା ୦.୮ % ଦେଖିବାକୁ ମିଳିଥାଏ । ପୂର୍ବତନ କେନ୍ଦ୍ର ମହିଳା ଶିଶୁ ବିକାଶ ମନ୍ତ୍ରୀ ରେଣୁକା ଚୌଧୁରୀଙ୍କ ମତରେ ୨୦୦୬ ମସିହାରେ ମୋଟ ୭୦ % ମହିଳା ଘରୋଇ ହିଂସାରେ ଶିକାର ହୋଇଥିଲେ । ଘରୋଇ ହିଂସା ମଧ୍ୟରେ ଶାରୀରିକ ହିଂସା (ଫିଜିକାଲ୍ ଆବ୍ୟୁସ), ଭାବନାତ୍ମକ ହିଂସା (ଇମୋସନାଲ୍ ଆବ୍ୟୁସ), ଯୌନ ଶୋଷଣ (ସେକ୍ସୁଆଲ ଆସଲ୍ଟ), ଅନର କିଲିଂ (ସମ୍ମାନ ରକ୍ଷା ପାଇଁ ହତ୍ୟା) ଯୌତୁକ ନିର୍ଯାତନା ବା ଯୌତୁକଜନିତ ମୃତ୍ୟୁ ଅନ୍ତର୍ଭୁକ୍ତ । ୨୦୧୩ ମସିହାରେ କ୍ରିମିନାଲ୍ ଲ ଆମେଣ୍ଡମେଣ୍ଟ ସଂଶୋଧିତ ଆଇନ ପ୍ରଚଳନ କରାଯାଇ ମହିଳାମାନଙ୍କୁ ଯୌନ ଶୋଷଣରୁ ସୁରକ୍ଷା ଦେବା ପାଇଁ ପ୍ରୟାସ ହୋଇଛି । ସେହିପରି ଦିଲ୍ଲୀର ନିର୍ଭୟା ଘଟଣା ପରେ ପୋକ୍ସୋ ଆଇନ ବା ନାବାଳିକା ଯୌନ ଶୋଷଣ ନିରୋଧ ଆଇନ ୨୦୧୨, ମହିଳାମାଙ୍କ ପିଛା କରିବା ବା ଷ୍ଟେକିଂ, ବିବସ୍ତ୍ର ବା ଭାୟେରିଜିମ, ଏସିଡ ଆଟାକ୍ ଆଦିକୁ ପିଙ୍ଗଳ କୋଡର ଦଫା ୩୫୪ ରେ ଅନ୍ତର୍ଭୁକ୍ତ କରା ଯାଇଥିଲା । ଏହି ଦଫା ସମୂହକୁ ନୂତନ ଭାବରେ କାର୍ଯ୍ୟକାରୀ ହୋଇଥିବା ଭାରତୀୟ ନ୍ୟାୟ ସଂହିତାର ଦଫା ୭୩ ରୁ ୭୫ ଭାବରେ ପୁନଃ ଉଲ୍ଲିଖିତ କରାଯାଇଛି । ସେହିପରି ଦି ଇମୋରାଲ ଟ୍ରାଫିକ (ପ୍ରିଭେନସନ୍) ଆକ୍ଟ ୧୯୫୬, ଯୌତୁକ ନିର୍ଯାତନା ନିରୋଧ ଆଇନ ୧୯୬୧, ଦି ଇଣ୍ଡିସେଣ୍ଟ ରିପ୍ରେଜେଣ୍ଟସନ୍ ଅଫ୍ ୱିମେନ୍ (ପ୍ରିଭେନସନ୍) ଆକ୍ଟ ୧୯୮୬, ଦି ସେକ୍ସୁଆଲ ହାରାସ ମେଣ୍ଟ ଅଫ୍ ୱିମେନ ଆଟ୍ ୱାର୍କପ୍ଲେସ (ପ୍ରିଭେନସନ୍, ପ୍ରିଭେସନ୍ ଏଣ୍ଡ ରିଡ୍ରେସାଲ) ଆକ୍ଟ ୨୦୧୩ ଦି ମେଟରନିଟି ବେନିଫିଟ୍ ଆକ୍ଟ ୧୯୬୧, ଦି କମିଶନ ଅଫ୍ ସତୀ (ପ୍ରିଭେନସନ୍) ଆକ୍ଟ ୧୯୮୭ ଅନ୍ତର୍ଭୁକ୍ତ । ଲିଙ୍ଗଗତ ବୈଷମ୍ୟତାକୁ ନେଇ ସର୍ବୋଚ୍ଚ ଅଦାଲତ ମଧ୍ୟ ବିଭିନ୍ନ ମାମଲାର ବିଚାର ସମୟରେ ଅନେକ ଟିପ୍ପଣୀ ଦେଇଛନ୍ତି । ମୂଳ ଘରୋଇ ହିଂସା ଆଇନରେ ଜଣେ ମହିଳା ଘରର ଅନ୍ୟ ମହିଳା ସଦସ୍ୟଙ୍କ ବିରୁଦ୍ଧରେ ମାମଲା ରୁଜୁ କରି ପାରିବ ନାହିଁ ବୋଲି ଉଲ୍ଲିଖିତ ରହିଛି । ତେବେ ୨୦୧୬ ମସିହାରେ ସର୍ବୋଚ୍ଚ ଅଦାଲତଙ୍କ ଦୁଇ ଜଣିଆ ଖଣ୍ଡପୀଠ ମହିଳାମାନଙ୍କୁ ଏହି ଆଇନରେ ପକ୍ଷଭୁକ୍ତ କରା ଯାଇପାରିବ ବୋଲି ରାୟ ଶୁଣାଇଥିଲେ ।



ଘରୋଇ ହିଂସାରୁ ସୁରକ୍ଷା ପାଇଁ ମହିଳା ସଂଗଠନମାନଙ୍କ ଭୂମିକା ସର୍ବାଗ୍ରେ । ଏହା ମାନବିକ ଅଧିକାର ସୁରକ୍ଷା କ୍ଷୁଣ୍ଣ ରୁଥିବାରୁ ଏହାର ନିରାକରଣ ମଧ୍ୟ ଜରୁରି । ସେହିପରି ଦୀର୍ଘମିଆଦି କାଉନସିଲିଂ ପାଇଁ ଆବଶ୍ୟକୀୟ ବାସଗୃହ, ପିଲାମାନଙ୍କ ରହଣି ସୁବିଧା, ପର୍ଯ୍ୟାପ୍ତ ଆଇନ ସହାୟତା, ନିଯୁକ୍ତି ସୁଯୋଗ ଘରୋଇ ହିଂସାରୁ ମହିଳାମାନଙ୍କୁ ରୋକିବାରେ ସହାୟକ ହେବ । ■

## ଆପୋସ ବୁଝାମଣା

ଘରୋଇ ହିଂସା ଆଗତ ମାମଲାଗୁଡ଼ିକ ମଧ୍ୟରୁ ୨୦୨୫ ଜାନୁଆରୀ ମାସରେ ମୋଟ ୩୬୭ ଟି ମାମଲା, ଫେବୃଆରୀରେ ୩୯୦ଟି, ମାର୍ଚ୍ଚରେ ୫୧୩ଟି, ଏପ୍ରିଲରେ ୩୨୨ଟି, ମଇରେ ମୋଟ ଦୁଇ ଗୋଟି ମାମଲାର ଆପୋସ ବୁଝାମଣା ହୋଇପାରିଛି । ରିପୋର୍ଟ ଅନୁଯାୟୀ, ମହିଳାମାନଙ୍କ ବିରୁଦ୍ଧରେ ସେହି ୩ ମାସ ମଧ୍ୟରେ ମୋଟ ୮୯୮ ଗୋଟି ମାମଲା ରୁଜୁ ହୋଇଛି । ମହିଳାମାନଙ୍କୁ ଆକ୍ରମଣ କ୍ଷେତ୍ରରେ ସେହି ସମୟ ମଧ୍ୟରେ ମୋଟ ୯୬୦ ଗୋଟି ମାମଲା ରୁଜୁ ହୋଇଛି । ସେହିପରି ଗତ ମଇ ମାସ ମଧ୍ୟରେ ମୋଟ ୯୧୬ ଗୋଟି ଯୌତୁକ ନିର୍ଯାତନା ମାମଲା, ୩୯୪ଟି ଧର୍ଷଣ ବା ଧର୍ଷଣ ଉଦ୍ୟମ ମାମଲା ରୁଜୁ ହୋଇଛି । ୩୦୨ଟି ଯୌନ ଉତ୍ପୀଡ଼ନ, ୧୧୦ଟି ମହିଳା ପୀଡ଼ିତାମାନଙ୍କର ସାଇବର ଅପରାଧ ରୁଜୁ ହୋଇଛି । ଚଳିତ ବର୍ଷର ପ୍ରଥମ ତିନି ମାସ ମଧ୍ୟରେ ଦେଶର ଅର୍ଦ୍ଧାଧିକ କେବଳ ଉତ୍ତର ପ୍ରଦେଶରେ ସଂଗଠିତ ହୋଇଛି, ସେଥିମଧ୍ୟରୁ ସେହି ରାଜ୍ୟରେ ମୋଟ ୩,୯୨୧ଟି ମହିଳା ହିଂସା ଅଭିଯୋଗ ମାମଲା ରୁଜୁ ହୋଇଛି, ସେହିପରି ଦିଲ୍ଲୀରେ ୬୮୮ଟି, ମହାରାଷ୍ଟ୍ରରେ ମୋଟ ୪୭୩ଟି, ମଧ୍ୟ ପ୍ରଦେଶରେ ୩୫୧, ବିହାରରେ ୩୪୨, ହରିୟାଣାରେ ୩୦୬ ଗୋଟି ମାମଲା ରୁଜୁ ହୋଇଛି ।



ଆଇନଜୀବୀ
ପ୍ରଗତି ବିହାର, ସାଳନ୍ଦୀ ବାଇପାସ୍, ଭଦ୍ରକ, ମୋ: ୯୪୩୭୧୨୯୮୮୪୧



# ଘରୋଇ ହିଂସା ଓ ମହିଳା

**ଘର କହିଲେ ମନ ଭିତରେ ସ୍ୱତଃ ଏକ ସୁରକ୍ଷିତ ବାତାବରଣର ଚିତ୍ର ଆଙ୍କି ହୋଇଯାଏ । ହେଲେ ସେଇ ଅତି ଆପଣାର ଘରଟି ଭିତରେ ଯଦି କାହାକୁ ପ୍ରାୟ ସବୁଦିନ ଭୟ, ଲାଞ୍ଛନା ଓ ଶାରୀରିକ ତଥା ମାନସିକ ଯନ୍ତ୍ରଣା ଭୋଗିବାକୁ ପଡୁଥାଏ? ଦିନକୁ ଦିନ ଘରୋଇ ହିଂସା ବଢ଼ିବାରେ ଲାଗିଛି ।**



ପ୍ରୀତିପ୍ରଜ୍ଞା ପ୍ରଧାନ

## ଭାରତରେ ଘରୋଇ ହିଂସା

'ଦ ନ୍ୟାସନାଲ୍ ଫ୍ୟାମିଲି ହେଲ୍‌ଥ ସର୍ଭେ (NFHS-5, 2019–21) ଦ୍ୱାରା ପ୍ରଦତ୍ତ ତଥ୍ୟ ଅନୁଯାୟୀ, ଭାରତର ପ୍ରାୟ ୩୨ % ବିବାହିତ ମହିଳା (୧୮ରୁ ୪୯ ବର୍ଷ ବୟସର) ନିଜ ଜୀବନକାଳ ମଧ୍ୟରେ ଅନ୍ତତଃ ଥରେ ସ୍ୱାମୀଙ୍କ ଦ୍ୱାରା ଘରୋଇ ହିଂସାର ଶିକାର ହୋଇଥାନ୍ତି । ୨୯% ମହିଳାଙ୍କ ସ୍ୱାମୀ ସେମାନଙ୍କ ଉପରେ ଶାରୀରିକ ଓ ଯୌନ ହିଂସାର ପ୍ରୟୋଗ କରିଥା'ନ୍ତି । ପ୍ରାୟ ୨୫% ବିବାହିତ ମହିଳା ଆଖିରେ ଆଘାତ, ହାତ-ଗୋଡ଼ ମକଚି ହେବା, ସେସବୁର ହାଡ଼ ଖସିଯିବା (dislocation) କିମ୍ବା ଭାଙ୍ଗି ଯିବା ତଥା ଦାନ୍ତ ଭାଙ୍ଗିଯିବା ଭଳି ହିଂସାର ଶିକାର ହେବା ନେଇ ରିପୋର୍ଟ କରିଥା'ନ୍ତି । ଦେଶର ୧୨.୫% ଅବିବାହିତ ମହିଳା ମଧ୍ୟ ଘରୋଇ ହିଂସାର ଶିକାର ହୋଇଥାନ୍ତି । 'ନ୍ୟାସନାଲ୍ କ୍ରାଇମ୍ ରେକର୍ଡ୍‌ସ୍ ବ୍ୟୁରୋ'ର ୨୦୨୨ର ପରିସଂଖ୍ୟାନ ଅନୁଯାୟୀ, ୧,୪୦,୦୧୯ ମହିଳା ସେମାନଙ୍କ ସ୍ୱାମୀ କିମ୍ବା ସ୍ୱାମୀଙ୍କ ପରିବାର ଦ୍ୱାରା ଘରୋଇ ହିଂସାର ଶିକାର ହୋଇଥିଲେ । ରାଜ୍ୟଗୁଡ଼ିକ ଦୃଷ୍ଟିରୁ ବିଚାର କଲେ କର୍ଣ୍ଣାଟକ, ବିହାର, ମଣିପୁର, ତେଲେଙ୍ଗାନ ଓ ତାମିଲନାଡୁ ଆଦି ରାଜ୍ୟରେ ସର୍ବାଧିକ ଘରୋଇ ହିଂସା ସମ୍ପର୍କିତ ଘଟଣା ଘଟିଥାଏ । ଘରୋଇ ହିଂସା ସମୁଦାୟ ଲିଙ୍ଗଗତ ହିଂସାର ପ୍ରାୟ ୪୦% । କିନ୍ତୁ ରିପୋର୍ଟ କରାଯାଏ, ମାତ୍ର ୮% କିମ୍ବା ତା'ଠୁ କମ୍ ସଂଖ୍ୟକ ମାମଲା ।

## ପୀଡ଼ିତ ମହିଳାଙ୍କ ସଂଖ୍ୟା ଅଧିକ

ଭାରତରେ ଘରୋଇ ହିଂସା ଏତେ ବ୍ୟାପକ ହେବା ପଛରେ କାରଣ କ'ଣ? ଦେଶର ପିତୃସତ୍ତାତ୍ମକ ସମାଜକୁ ମୁଖ୍ୟତଃ ଏଥିପାଇଁ ଦାୟୀ କରାଯାଇପାରେ । ଏଭଳି ସମାଜ ଲୋକଙ୍କ ଭିତରେ ମହିଳାମାନେ ପୁରୁଷଙ୍କ ତୁଳନାରେ ନ୍ୟୂନ ବୋଲି ଏକ ଧାରଣା ଜନ୍ମାଇଥାଏ । ସେମାନଙ୍କ ଶରୀର, ରୁଚି ଓ ବେଶପୋଷାକ ଉପରେ ପୁରୁଷକୁ କର୍ତ୍ତୃତ୍ୱ ଜାହିର କରିବାର ଅଧିକାର ମଧ୍ୟ ଦେଇଥାଏ । କିନ୍ତୁ ଶିକ୍ଷାର ଅଭାବ, ଆର୍ଥିକ ଦୃଷ୍ଟିରୁ ନିର୍ଭରଶୀଳତା ତଥା ସମାଜରେ ନିନ୍ଦିତ ହେବାର ଭୟ ଯୋଗୁଁ ଅନେକ ମହିଳା ଏକ ଅପମାନଜନକ ଦାମ୍ପତ୍ୟରୁ ବାହାରି ପାରନ୍ତି ନାହିଁ । ସ୍ୱାମୀର ମଦ୍ୟପାନ, ତା'ର ପରିବାର ପକ୍ଷରୁ ଯୌତୁକ ଦାବି, ନିଯୁକ୍ତି ଅଭାବରୁ ସ୍ୱାମୀ ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ଓ ଦରିଦ୍ର ହୋଇଯିବା ଆଦି ମଧ୍ୟ ଜଣେ ମହିଳାଙ୍କ ଉପରେ ଘରୋଇ ହିଂସା ବୃଦ୍ଧିର କାରଣ ହୋଇଥାଏ ।

ଅନେକ ସମୟରେ ଘରୋଇ ହିଂସା କେବଳ ଶାରୀରିକ ଆଘାତ ମଧ୍ୟରେ ସୀମିତ ନ ରହି ଗାଳିଗୁଲଜ, ମ୍ୟାରିଟାଲ୍ ରେପ୍, ମାନସିକ ଚାପ ପ୍ରୟୋଗ ତଥା ପାରିବାରିକ ବାଛନ୍ଦ ଆଦିର ମଧ୍ୟ ରୂପ ନେଇଥାଏ । ତେବେ ଶାରୀରିକ ଆଘାତର ପ୍ରମାଣ ନଥିବା ସ୍ଥଳେ ମହିଳାମାନଙ୍କୁ ଘରୋଇ ହିଂସା ନେଇ ଅଭିଯୋଗ କରିବା ଅବା ସେ କ୍ଷେତ୍ରରେ ନ୍ୟାୟ ପାଇବା ପ୍ରାୟତଃ ସମ୍ଭବ ହୋଇନଥାଏ । ଘରୋଇ ହିଂସାକୁ ଏକ ପାରିବାରିକ ତଥା ଗୋପନୀୟ ସମସ୍ୟା କହି ଏଡ଼ାଇ ବି ଦିଆଯାଏ ।



ଏଇ ସମସ୍ୟାର ପ୍ରଭାବ ଅତ୍ୟନ୍ତ ବ୍ୟାପକ ହୋଇଥାଏ । ଘରୋଇ ହିଂସା ବହୁ ସମୟରେ ଅବାଞ୍ଛିତ ଗର୍ଭଧାରଣର କାରଣ ହୋଇଥାଏ । ପ୍ରାୟ ୪ % ମହିଳା ଗର୍ଭବତୀ ଥିବା ସମୟରେ ସ୍ୱାମୀଙ୍କ ଦ୍ୱାରା ହିଂସାର ଶିକାର ହୋଇଥା'ନ୍ତି । ଆଉ ଏଭଳି ହିଂସା, ଜନ୍ମିତ ଶିଶୁଟିର ମାନସିକତାକୁ କ୍ଷତିଗ୍ରସ୍ତ କରି ତା'ର ଶିକ୍ଷାଗ୍ରହଣ ତଥା ଯୁବାବସ୍ଥାରେ ତା'ର ରୋଜଗାର କ୍ଷମତା ଉପରେ କୁପ୍ରଭାବ ପକାଇଥାଏ । ଗବେଷଣାରୁ ଜଣା ପଡ଼ିଛି, ଘରୋଇ ହିଂସାର ଶିକାର ମହିଳାମାନେ ଅନ୍ୟମାନଙ୍କଠାରୁ ୨ରୁ ୩% ଅଧିକ ମାନସିକ ଅବସାଦର ଶିକାର ହୋଇଥାନ୍ତି । ଏମାନଙ୍କଠାରୁ କମ୍ ଓଜନ ଯୁକ୍ତ ଶିଶୁ ଜନ୍ମ ହେବା ସହ ନବଜନ୍ମିତ ଶିଶୁଙ୍କଠାରେ ମୃତ୍ୟୁ ହାର ଅଧିକ ଦେଖା ଯାଇଥାଏ । ହିଂସା ପୀଡ଼ିତ ମହିଳାମାନେ ନିୟମିତ ଭାବେ କର୍ମକ୍ଷେତ୍ରକୁ ଯାଇ ପାରନ୍ତି ନାହିଁ ତଥା ପଦୋନ୍ନତି ଓ ଦରମା ବୃଦ୍ଧି ଭଳି ଅନେକ ସୁବିଧାରୁ ବଞ୍ଚିତ ହୁଅନ୍ତି ।

ଏଇ ସମସ୍ୟାକୁ ରୋକିବା ଦିଗରେ ସରକାରୀ ସ୍ତରରେ ବିଭିନ୍ନ ଆଇନ କାନୁନ ତିଆରି କରାଯାଇଛି । ବିଶେଷ କରି ଆମ ଦେଶରେ ପ୍ରଚଳିତ The Protection of Women from Domestic Violence Act (PWDVA), 2005 ଏ ଦିଗରେ ଏକ ବଳିଷ୍ଠ ପଦକ୍ଷେପ । ଏହା ଜଣେ ମହିଳାଙ୍କୁ ଶାରୀରିକ ହିଂସାର ଶିକାର ହେବାରୁ ରକ୍ଷା କରିବା ସହ ତାଙ୍କୁ ହିଂସାକାରୀ ଦ୍ୱାରା ପ୍ରଦତ୍ତ ମାନସିକ ଚାପ, ଯୌନ ହିଂସା ତଥା ଆର୍ଥିକ ଦୃଷ୍ଟିରୁ ବାଛନ୍ଦ କରାଯିବା ଭଳି ଅତ୍ୟାଚାରରୁ ମଧ୍ୟ ସୁରକ୍ଷା ଦେଇଥାଏ । ଦରକାର ପଡ଼ିଲେ ପୀଡ଼ିତାଙ୍କୁ ରହିବା ପାଇଁ ସୁରକ୍ଷିତ ସ୍ଥାନ ଓ ଆର୍ଥିକ ସହାୟତା ଯୋଗାଇବାରେ ମଧ୍ୟ ଏହା ସାହାଯ୍ୟ କରିଥାଏ । ଭାରତୀୟ ପିଙ୍ଗଳ କୋଡ୍‌ର ଧାରା-୪୯୮ ଏ ମଧ୍ୟ ସ୍ୱାମୀ କିମ୍ବା ସ୍ୱାମୀଙ୍କ ପରିବାର ପକ୍ଷରୁ ଘରୋଇ ହିଂସା ଓ ନିଷ୍ଠୁରତାର ଶିକାର ହୋଇଥିବା କୌଣସି ମହିଳାଙ୍କୁ ଆଇନଗତ ସୁରକ୍ଷା ପ୍ରଦାନ କରିଥାଏ ।

## ଆବଶ୍ୟକ ପଦକ୍ଷେପ

ଘରୋଇ ହିଂସା ଭଳି ସାମାଜିକ ବ୍ୟାଧିର ଉପଶମ ପାଇଁ ଆମ ଦେଶର ସାମାଜିକ ଚେତନାରେ ଏକ ବ୍ୟାପକ ପରିବର୍ତ୍ତନ ଆବଶ୍ୟକ । ବିଶେଷ କରି ଶିକ୍ଷା କ୍ଷେତ୍ରରେ ଏଭଳି ପାଠ୍ୟକ୍ରମର ପ୍ରଚଳନ ହେବା ଆବଶ୍ୟକ, ଯାହା ସମାଜରେ ଲିଙ୍ଗଗତ ସମାନତା ବୃଦ୍ଧି ଦିଗରେ ସହାୟକ ହୋଇପାରିବ । ସମାଜର ବିଭିନ୍ନ ସ୍ତରରେ ଏ ନେଇ ସଚେତନତା ବୃଦ୍ଧି ସହ ଭିନ୍ନ ଭିନ୍ନ ଅଞ୍ଚଳରେ ପୀଡ଼ିତାମାନଙ୍କୁ ସାଇକୋଲୋଜିକାଲ୍ କାଉନ୍‌ସେଲିଂ ଦିଆଯାଇ



ସେମାନଙ୍କୁ ମାନସିକ ସ୍ତରରେ ସୁସ୍ଥ କରାଯିବା ଆବଶ୍ୟକ । ପାରିବାରିକ ସମ୍ପର୍କରେ କିଭଳି ପରସ୍ପର ପ୍ରତି ସମ୍ମାନବୋଧ, ପ୍ରେମ ଓ ସୌହାର୍ଦ୍ଦ୍ୟ ବଜାୟ ରହିପାରିବ ସେ ଦିଗରେ ଉଭୟ ସ୍ୱାମୀ-ସ୍ତ୍ରୀ ଉଦ୍ୟମ କରିବା ଆବଶ୍ୟକ । ସବୁ ପରେ ମହିଳାମାନେ କିଭଳି ଶିକ୍ଷିତ ଓ ସ୍ୱାବଲମ୍ବୀ ହେବା ସହ ଆର୍ଥିକ ଦୃଷ୍ଟିରୁ ସକ୍ଷମ ହୋଇପାରିବେ ସେ ଦିଗରେ ମଧ୍ୟ ବିଭିନ୍ନ ସ୍ତରରେ ନିୟମିତ ଉଦ୍ୟମ ହେବା ଆବଶ୍ୟକ । ■

ଭୁବନେଶ୍ୱର

# ପାରିବାରିକ ହିଂସା ଓ ମନସ୍ତାତ୍ତ୍ୱିକ ନିଦାନ ତତ୍ତ୍ୱ



ମଣିଷର ପ୍ରଥମ ପରିଚୟ ହେଉଛି ତା'ର ପିତାମାତା ଓ ବଂଶବୃକ୍ଷ, ଯାହାକୁ ଆମେ କହୁ ପରିବାର । ଏହା ବ୍ୟକ୍ତିର ପ୍ରଥମ ପୃଥିବୀ ବା ସାମୂହିକ ଜୀବନର ଆଧାର ସ୍ତମ୍ଭ । ପ୍ରୀତି, କରୁଣା ଓ ବାତ୍ସଲ୍ୟ ଆଦି ଦିବ୍ୟ ଗୁଣର ପ୍ରୟୋଗଶାଳା । ପରିବାର ଆମ ସଂସ୍କାରର ପ୍ରଥମ ବିଦ୍ୟାଳୟ ଏବଂ ମା' ସେ ବିଦ୍ୟାଳୟର ପ୍ରଥମ ଶିକ୍ଷୟିତ୍ରୀ । ପରିବାରରୁ ମିଳେ ସମନ୍ୱୟ, ସହାନୁଭୂତି ଓ ସହିଷ୍ଣୁତାର ପ୍ରଶିକ୍ଷଣ । ପରିବାର ଦ୍ୱାରା ନିୟନ୍ତ୍ରିତ ହୁଏ ବ୍ୟକ୍ତିର ଅଭିବୃଦ୍ଧି ଓ ସାମାଜିକ ବିକାଶ । ଅନ୍ୟ ଭାବରେ କହିଲେ ପରସ୍ପର ମଧ୍ୟରେ ନୈତିକ ଓ ଆଧ୍ୟାତ୍ମିକ ମିଳନ ହିଁ ପରିବାର, ଯାହାକୁ କୁହାଯାଏ ଗୃହସ୍ଥାଶ୍ରମ । ଚତୁରାଶ୍ରମ ବିଧିରେ ଗୃହସ୍ଥାଶ୍ରମର ସ୍ଥାନ ସବା ଉପରେ । ପରିବାରକୁ ସ୍ୱର୍ଗ ସହିତ ତୁଳନା କରାଯାଇଛି ବେଦରେ । ଭକ୍ତକବି ମଧୁସୂଦନ ରାଓଙ୍କ ଭାଷାରେ – 'ବୈକୁଣ୍ଠ ସମାନ ଆହା ଅଟେ ସେହି ଘର, ପରସ୍ପର ଥାଏ ଯହିଁ ସ୍ନେହ ନିରନ୍ତର' । ଅର୍ଥାତ ପରିବାରର ଅନୁପମ ଐଶ୍ୱର୍ଯ୍ୟ ହେଉଛି ପାରସ୍ପରିକ ସ୍ନେହ ସହଯୋଗ ଓ ସମ୍ବେଦନା, ଯାହା ସୁଖୀ ପରିବାରର ମୂଳମନ୍ତ୍ର ।



ଡକ୍ଟର ପ୍ରଫୁଲ୍ଲ କୁମାର ସାହୁ

ପରିବାର ଭିତରେ ପିଲା ବୁଝେ ସମ୍ପର୍କର ସ୍ୱରୂପ । ସ୍ନେହ, ପ୍ରେମର ମୂଲ୍ୟ । ପରବର୍ତ୍ତୀ ସମୟରେ ତାହା ପ୍ରତିଫଳିତ ହୁଏ ସାମାଜିକ ଜୀବନରେ । ସେଥିପାଇଁ କୁହାଯାଏ ଏକ ସଂସ୍କାରସ୍ନାତ ପରିବାର ଦ୍ୱାରା ସୃଷ୍ଟି ହୁଏ ଉନ୍ନତ ସମାଜ ଓ ବିକଶିତ ରାଷ୍ଟ୍ର । ପରିବାର ପରେ ଆସେ ସମାଜ, ଦେଶ, ମହାଦେଶ ଓ ବିଶ୍ୱ । ଭାରତୀୟ ସଂସ୍କୃତିର ଅମରତ୍ୱ ପଛରେ ନିହିତ ଆମ ଯୌଥ ପରିବାର ବ୍ୟବସ୍ଥାର ଶକ୍ତି । ଯୌଥ ପରିବାର ଭିତରେ ପରସ୍ପର ପ୍ରତି ସ୍ନେହ ଶ୍ରଦ୍ଧା ଓ ଭଲପାଇବା ଥିଲା ନିଃସର୍ତ୍ତ ଓ ଅନାବିଳ । ପରିବାରରେ ଜଣେ କେହି ଅସୁସ୍ଥ ହୋଇ ପଡ଼ିଲେ ଅନ୍ୟମାନେ ବ୍ୟସ୍ତ ହୋଇ ପଡୁଥିଲେ ଏବଂ ଯେଉଁ ସେବା ଯୋଗେଇ ଦେଉଥିଲେ, ଶବ୍ଦରେ ପ୍ରକାଶ କରି ହେବନି ତା'ର ମୂଲ୍ୟ । ସେହି ଆତ୍ମୀୟତା ଯୋଗୁଁ ଦୁରାରୋଗ୍ୟ ବ୍ୟାଧି ଭୋଗୁଥିବା ମଣିଷ ବି ବ୍ୟାକୁଳ ହେଉଥିଲା ଡାକ୍ତରଖାନା ଛାଡ଼ି ଘରକୁ ଫେରି ଆସିବା ପାଇଁ । ସେଠାରେ ରୋଗଯନ୍ତ୍ରଣାଠାରୁ ତାକୁ ଅଧିକ କଷ୍ଟ ଦେଉଥିଲା ପରିବାର ପରିଜନଙ୍କଠାରୁ ଦୂରେଇ ରହିବାର ଦୁଃଖ ।



## ଦାମ୍ପତ୍ୟ ଜୀବନରେ ଫାଟ

ପରିବାର ଗଠନର ମୂଳ ଭିତ୍ତି ହେଉଛି ବିବାହ । ଭାରତୀୟ ସଂସ୍କୃତିରେ ବିବାହ ଏକ ସଂସ୍କାର । ଏହା କେବଳ ଶାରୀରିକ ସମ୍ପର୍କ ନିମନ୍ତେ ସାମାଜିକ ସ୍ୱୀକୃତି ନୁହେଁ, ବରଂ ତାହା ଠାରୁ ଉଚ୍ଚତର ଏକ ଅଦ୍ଭୁତ ଅଭିନିବେଶ । ବୈଦିକ ବିଧାନ ଉପରେ ପର୍ଯ୍ୟବସିତ ଏହି ଅନୁଷ୍ଠାନଟି ଦୁଇଟି ମନ ଓ ଦୁଇଟି ଆତ୍ମାକୁ ଏପରି ଭାବରେ ଯୋଡ଼ି ଦିଏ ଯେ ଉଭୟଙ୍କ ମଧ୍ୟରେ ପ୍ରକାଶ ପାଏ ଏକ ଅଦୃଶ୍ୟ ଏକାତ୍ମତା । ଜଣେ ଝୁଣ୍ଟି ପଡ଼ିଲେ ଆଉ ଜଣେ ଅନୁଭବ କରେ କଷ୍ଟ । ଜଣକ ଆଖିରୁ ଲୁହ ଧରିଲେ ଅନ୍ୟ ଜଣକ ଆଖିରୁ ଝରେ ଲହୁ । ଜଣେ ରୋଗରେ ପଡ଼ିଲେ ଅନ୍ୟ ଜଣେ ତା'ର ସେବା ଯତ୍ନରେ ଲାଗିଥାଏ ଏବଂ ଆବଶ୍ୟକ ହେଲେ ଜଣଙ୍କୁ ଜୀବନ ରକ୍ଷା ପାଇଁ ଆଉ ଜଣେ ଅଙ୍ଗଦାନ କରେ ବିନା ଦ୍ୱିଧାରେ । କେବେ କେବେ ଜଣକର ମୃତ୍ୟୁ ଖବର ଅନ୍ୟ ଜଣକ ପାଇଁ ହୁଏ ହୃଦ୍‌ଘାତର କାରଣ । ଏତେ ଆତ୍ମୀୟତା ସତ୍ତ୍ୱେ ପରସ୍ପର ମଧ୍ୟରେ କଳି ଝଗଡ଼ା ଯେ ହୁଏନି ତା ନୁହେଁ, ମାତ୍ର ତାହା ଭସା ବାଦଲ ପରି ଅସ୍ଥାୟୀ । ପରସ୍ପର ଭିତରେ ଯେତେ କଳହ ବା ମତାନ୍ତର ହେଉନା କାହିଁକି କେହି କାହାରିକୁ ଛାଡ଼ି ରହିବା ପାଇଁ ନାରାଜ । କ'ଣ ହୋଇପାରେ ଏ ସମ୍ପର୍କର ରହସ୍ୟ? ଏହା ଉପରେ ଅନେକ ତର୍ଜମା ସତ୍ତ୍ୱେ ବୋଧହୁଏ ଏଯାଏ ମିଳି ପାରିନାହିଁ କୌଣସି ଯୁକ୍ତି, ଯଥାର୍ଥତା କିମ୍ବା ବୈଜ୍ଞାନିକ ବ୍ୟାଖ୍ୟା ମାଧ୍ୟମରେ ତା'ର ଏକ ସମ୍ପୂର୍ଣ୍ଣ ଉତ୍ତର । ତେଣୁ ଅଦ୍ୟାବଧି ବିସ୍ମୟ ହୋଇ ରହିଛି ଦାମ୍ପତ୍ୟ ସମ୍ପର୍କର ଅସୀମ ଗଭୀରତା ।

ପରମ୍ପରାବାଦୀମାନେ କହନ୍ତି, ଏହି ସମ୍ପର୍କ ସ୍ୱର୍ଗରେ ତିଆରି ହୋଇଥାଏ, ଯାହା କି ସାତ ଜନ୍ମ ପାଇଁ ଅତୁଟ ରହିବା ନିମନ୍ତେ ଅଭିପ୍ରେତ । ମାତ୍ର ବିଜ୍ଞାନ କହେ ପତିପତ୍ନୀ ସମ୍ପର୍କକୁ ନିବିଡ଼ କରି ଗଢ଼ିତୋଳେ ମଣିଷ ଶରୀରରେ ଥିବା ଲଭ୍ ହରମୋନ୍ । ପତିପତ୍ନୀ ସମ୍ପର୍କ ଗଭୀର ହେବାର ଏକ ଗୁରୁତ୍ୱପୂର୍ଣ୍ଣ ବ୍ୟାଖ୍ୟା କରିଛନ୍ତି ଷ୍ଟାଣ୍ଡଫୋର୍ଡ ୟୁନିଭରସିଟି ସ୍କୁଲ ଅଫ୍ ମେଡିସିନର ବୈଜ୍ଞାନିକ ରୋବର୍ଟ ମାଲେଙ୍କା । ତାଙ୍କ ମତରେ ଏହା ମୂଳରେ ରହିଛି ଆମେ ଲଭ୍ ହରମୋନ୍ ବୋଲି କହୁଥିବା ଅକ୍ସିଟୋନିକସର ଭୂମିକା । ଏହି ହରମୋନଟି ମସ୍ତିଷ୍କର ନିଉକ୍ଲିୟସ ଆକ୍ୟୁମ୍ବେନସ୍ ଅଂଶର କ୍ରିୟାବିଧିରେ ପରିବର୍ତ୍ତନ ଆଣେ, ଯାହା ଦ୍ୱାରା ସୃଷ୍ଟିହୁଏ ଆନନ୍ଦଦାୟକ ଅନୁଭୂତି । ସ୍ନାୟୁବିଜ୍ଞାନଙ୍କ ମତରେ ମଣିଷ ସାମାଜିକ ହେବା ଦିଗରେ ତା୍‌ର ଭୂମିକା ମଧ୍ୟ ଗୁରୁତ୍ୱପୂର୍ଣ୍ଣ । ମନୋବିଜ୍ଞାନୀଙ୍କ ମତରେ ପରିବେଶର ପ୍ରଭାବରେ ଏହି ହରମୋହନର କ୍ରିୟାଶୀଳତା ହ୍ରାସ ପାଇବା କାରଣରୁ ଦାମ୍ପତ୍ୟ ସମ୍ପର୍କରେ ସୃଷ୍ଟି ହେଉଛି ଫାଟ ।

## ପାରିବାରିକ ହିଂସା

ସାଧାରଣତଃ ଦାମ୍ପତ୍ୟ ସମ୍ପର୍କରେ ତିକ୍ତତା ବା ପରିବାର ମଧ୍ୟରେ ହେଉଥିବା ଶାରୀରିକ, ମାନସିକ ଓ ଯୌନ ତଥା ଆର୍ଥିକ ନିର୍ଯାତନାକୁ କୁହାଯାଏ ପାରିବାରିକ ହିଂସା ବା ଘରୋଇ ହିଂସା । ଆମ ସମାଜରେ ଅନେକ ପ୍ରକାର ପାରିବାରିକ ହିଂସା ହୋଇଥାଏ ଏବଂ କେତେକ କ୍ଷେତ୍ରରେ ଏହା ଶାରୀରିକ ନହେଲେ ମଧ୍ୟ କ୍ଷତିକାରକ । ପାରିବାରିକ ହିଂସା ଉଭୟ ନାରୀ ପୁରୁଷଙ୍କ ଉପରେ ହୋଇଥାଏ ସତ, କିନ୍ତୁ ଏଥିରେ ଅଧିକ ମାତ୍ରାରେ ଶିକାର ହୁଅନ୍ତି ନାରୀ । ଧନୀ, ଦରିଦ୍ର ନିର୍ବିଶେଷରେ ସବୁ ପରିବାରରେ ରହିଛି ପାରିବାରିକ ବିଶୃଙ୍ଖଳା । କୌଣସି ପରିବାରର ଏବଂ କୌଣସି ପ୍ରକାରର ପାରିବାରିକ ହିଂସା ଗ୍ରହଣୀୟ ନୁହେଁ, ଯାହା ମହିଳାଙ୍କ ପକ୍ଷରେ ଅତ୍ୟନ୍ତ ଯନ୍ତ୍ରଣାଦାୟକ । ପାରିବାରିକ ହିଂସା ହେଉଥିବା ପରିବାରର ଶିଶୁମାନେ ହିଂସାର ଶିକାର ହୁଅନ୍ତି ବା ଆଖି ଆଗରେ ହିଂସାତ୍ମକ କାଣ୍ଡ ଦେଖନ୍ତି, ଯାହା ସେମାନଙ୍କ ମନରେ ପକାଏ ପ୍ରତିକୂଳ ପ୍ରଭାବ । ପାରିବାରିକ ହିଂସା କେବଳ ପରିବାର ମଧ୍ୟରେ ଅସ୍ଥିର, ନୈରାଶ୍ୟଜନକ ଓ ଶଙ୍କାକୁଳ ପରିସ୍ଥିତି ସୃଷ୍ଟି କରେ ତାହା ନୁହେଁ, ଏହା ସମାଜ ପାଇଁ କ୍ଷତିକାରକ । ଏହାଦ୍ୱାରା ନିର୍ଯାତିତା ନାରୀମାନେ ସାମୂହିକ କାର୍ଯ୍ୟରେ ପୂର୍ଣ୍ଣମାତ୍ରାରେ ଅଂଶ ଗ୍ରହଣ କରିପାରନ୍ତି ନାହିଁ ଏବଂ ହରେଇ ବସନ୍ତି ଅନ୍ତର୍ନିହିତ ସାମର୍ଥ୍ୟ । ଚାପଗ୍ରସ୍ତ ହୋଇ ରହିବା ଫଳରେ ପ୍ରକାଶ ପାଇପାରେ ନାହିଁ ଦକ୍ଷତା, ପ୍ରତିଭା ଓ ସୃଜନଶୀଳତା । ସେମାନେ ସ୍ୱାସ୍ଥ୍ୟ ସମସ୍ୟାର ସମ୍ମୁଖୀନ ହେବା ସହିତ ହରାଇ ବସନ୍ତି ଆତ୍ମବିଶ୍ୱାସ ।


## ଘରୋଇ ହିଂସା ପାଇଁ ଦଣ୍ଡବିଧି ବ୍ୟବସ୍ଥା



ପାରିବାରିକ ହିଂସା ରୋକିବା ପାଇଁ ଭାରତୀୟ ଦଣ୍ଡବିଧି ବ୍ୟବସ୍ଥାରେ ରହିଛି ଅନେକ କଠୋର ଆଇନ୍। ବିଶେଷକରି ମହିଳାମାନଙ୍କୁ ଯୌତୁକ ଦାବି ଜନିତ ପୁରୁଷ ପୈଶାଚିକତା ଓ ପାରିବାରିକ ହିଂସାରୁ ସୁରକ୍ଷା ପ୍ରଦାନ କରିବା ଲାଗି ୧୯୮୩ ମସିହାରୁ କାର୍ଯ୍ୟକାରୀ ହେଉଛି ୪୯୮(କ) ଦଫା। ଏହି ଆଇନ୍ ଅନେକ ନିର୍ଯାତିତାଙ୍କୁ ସୁରକ୍ଷା ପ୍ରଦାନ କରିଥିଲେ ହେଁ ଲିଙ୍ଗୀୟ ପକ୍ଷପାତିତା ଏହାର ଏକ ବଡ଼ ଦୁର୍ବଳତା। ଏହି ଆଇନର ପ୍ରାବଧାନ ଅନୁସାରେ କୌଣସି ମହିଳା ପାରିବାରିକ ହିଂସାକୁ ନେଇ ଥାନାରେ ଅଭିଯୋଗ କଲେ ତତ୍କ୍ଷଣାତ ଗିରଫ ହୁଅନ୍ତି ଅଭିଯୁକ୍ତ ସ୍ୱାମୀ ବା ପରିବାରର ଅନ୍ୟ ସଦସ୍ୟମାନେ। ତେଣିକି ମାମଲା ଗଡ଼ିଚାଲେ ଦୀର୍ଘଦିନ ପର୍ଯ୍ୟନ୍ତ। କୌଣସି ମହିଳାଙ୍କ ଅଭିଯୋଗ ମିଥ୍ୟା ଓ ଅଭିସନ୍ଧି ମୂଳକ ହେଲେ ମଧ୍ୟ ଆଇନରେ ନାହିଁ ମହିଳାଙ୍କୁ ଦଣ୍ଡ ଦେବାର ବ୍ୟବସ୍ଥା। ଅର୍ଥାତ୍ ଆତ୍ମରକ୍ଷା ଲାଗି ଆସିଥିବା ଆଇନଟି କିଛି ଦୁଷ୍ଟବୁଦ୍ଧି ସମ୍ପନ୍ନଙ୍କ ହାତରେ ଅର୍ଥ ଶୋଷଣ ବା ଆକ୍ରମଣ ଲାଗି ବ୍ୟବହୃତ ଅସ୍ତ୍ରରେ ପରିଣତ ହୋଇଛି, ଯାହାର ହାତ ମୁହଁରେ ପଡୁଛନ୍ତି ଅନେକ ହତଭାଗ୍ୟ ପୁରୁଷ।

## ମନସ୍ତାତ୍ତ୍ୱିକ ନିଦାନ ତତ୍ତ୍ୱ

ଭାରତୀୟ ସଂସ୍କୃତିରେ ବିବାହ ଏକ ଚୁକ୍ତିନାମା ନୁହେଁ, ସାତଜନ୍ମ ପର୍ଯ୍ୟନ୍ତ ସର୍ବୋତ୍ତମ ଶୁଭାକାଂକ୍ଷୀ ହେବାର ସନନ୍ଦ। ସହାବସ୍ଥାନ ହିଁ ତା'ର ସର୍ବୋତ୍ତମ ଲକ୍ଷ୍ୟ ଓ ସିଦ୍ଧି। ଦାମ୍ପତ୍ୟ ଜୀବନ କେବଳ ଉପଭୋଗର ଫୁଲବଣ ନୁହେଁ, କଠିନ ସାଧନା, ସଂଯମ, ସହନଶୀଳତା ଓ ନିସ୍ୱାର୍ଥପର ସେବା ତା'ର ଆଧାର ଭୂମି। ସ୍ୱାମୀ ପାଇଁ ସ୍ତ୍ରୀ କେବଳ ଆଶ୍ରୟ ନୁହେଁ, ଶାନ୍ତି ଓ ସାନ୍ତ୍ୱନା। ସ୍ୱାମୀ ସ୍ତ୍ରୀର ବଳ ଓ ସାହସ। ସେଥିପାଇଁ କୁହାଯାଏ "ବିବାହ ଠାରୁ ବଡ଼ ବନ୍ଧନ ନାହିଁ। ସମାଜଠାରୁ ବଡ଼ ନୀତି ନିୟମ ନାହିଁ।" ମାତ୍ର ଦିନକୁ ଦିନ ପ୍ରାସଙ୍ଗିକତା ହରାଉଛି ଏ ଆପ୍ତବାକ୍ୟ।



କାରଣ ଯେଉଁ ହଜାରେ ମତାନ୍ତର ସତ୍ତ୍ୱେ ବିବାହ ବିଚ୍ଛେଦ କଥା କଳ୍ପନା କରି ହେଉ ନଥିଲା, ସେଠାରେ ସାମାଜିକ ବିଧାନରେ ପରିଣତ ହୋଇଛି ବିବାହ ବିଚ୍ଛେଦ। ଗଣମାଧ୍ୟମରେ ପ୍ରକାଶିତ ଏକ ତଥ୍ୟ ଅନୁସାରେ ୨୦୨୫ ଜାନୁୟାରୀ ମାସରେ ଦୈନିକ ହାରାହାରି ୮୭ଟି ହିସାବରେ ଓଡ଼ିଶାର ପରିବାର ଅଦାଲତରେ ରୁଜୁ ହୋଇଥିଲା ୨୭୦୭ଟି ଛାଡ଼ପତ୍ର ମାମଲା। ସମ୍ପର୍କର ସ୍ୱାଭାବିକ ମୃତ୍ୟୁ ହୁଏନା, ବରଂ ତାକୁ ମାରିଦିଏ ମଣିଷର ସ୍ୱଭାବ, ବ୍ୟବହାର ଓ ଅହଂକାର। ସମ୍ପର୍କ ସେଇଠି କେବେ ଭାଙ୍ଗେନି, ଯେଉଁଠି ଭାଙ୍ଗେନି ବିଶ୍ୱାସ, ହୃଦୟ, ପ୍ରେମ ଓ ପ୍ରତିଶ୍ରୁତି। ଏଗୁଡ଼ିକ ଭାଙ୍ଗିଲେ ଶବ୍ଦ ନ ଥାଏ, ଥାଏ କେବଳ ମାର୍ମିକ ଯନ୍ତ୍ରଣା। ମନସ୍ତାତ୍ତ୍ୱିକ ନିଦାନ ତତ୍ତ୍ୱ ଅନୁସାରେ ଆତ୍ମ ଅନୁରାଗ ପ୍ରବଣ ବ୍ୟକ୍ତିର ତ୍ରୁଟିର ଅନ୍ୟତମ ଲକ୍ଷଣ ହେଲା ଆତ୍ମବଡ଼ିମାର ଆଡ଼ମ୍ବରପୂର୍ଣ୍ଣ ପ୍ରଦର୍ଶନ। ଏଥିରେ ଜଣେ ଏତେ ନିମଜ୍ଜି ଯାଏ ଯେ ସେ ସ୍ୱତଃ ହରେଇ ବସେ ଅନ୍ୟର ଦୃଷ୍ଟିକୋଣ ପ୍ରତି ଚିନ୍ତା କରିବାର ସାମର୍ଥ୍ୟ। ଅହଂକାର ଏକ ନକାରାତ୍ମକ ମନସ୍ତାତ୍ତ୍ୱିକ ଅବସ୍ଥା, ଯାହା ଜିନ୍ ଓ ପାରିବେଶିକ ପ୍ରଭାବ ସହିତ ସମ୍ପୃକ୍ତ।

ବିଶ୍ୱାସ ଏକ ଛୋଟ ଶବ୍ଦ, ଯାହା ଉପରେ ବସା ବାନ୍ଧେ ସବୁ ସମ୍ପର୍କ। ଆଗେ ଘର କେବଳ ଏକ ଆବାସ ନଥିଲା, ବରଂ ଥିଲା ଏକ ବିଶ୍ୱାସର ବନ୍ଧନ। ପରସ୍ପର ଭିତରେ ସୁଖଦୁଃଖ ବାଣ୍ଟି ନେବାର ଆପଣାପଣ। ଚାକିରି ଓ ବ୍ୟବସାୟ ନିମନ୍ତେ କେହି ଦୂର ପ୍ରବାସରେ ରହିଲେ ବି ସ୍ତ୍ରୀ ପିଲା ରହୁଥିଲେ ଗାଁ'ରେ। ତେଣୁ ଗାଁ ଓ ପରିବାର ସହିତ ଭାବ ବନ୍ଧନରେ ବାନ୍ଧି ହୋଇ ରହୁଥିଲେ ସମସ୍ତେ। ପ୍ରବାସରୁ ଗାଁ'କୁ ଫେରିବା ପାଇଁ ବ୍ୟାକୁଳ ହେଉଥିଲା ମନ। ଯିଏ ଯେଉଁଠି ଥିଲେ ବି ପୂନେଇ ପରବରେ ଏକାଠି ହେଉଥିଲେ ସାରା ପରିବାର। ଆନନ୍ଦ ଉଲ୍ଲାସରେ ଫାଟି ପଡୁଥିଲା ଘର।

ପାରିବାରିକ ବନ୍ଧନ ଭିତରେ ସେମାନେ ପରସ୍ପର ଏମିତି ବାନ୍ଧି ହୋଇ ଯାଇଥିଲା ଯେ ନିଜ ଗାଁ ଛାଡ଼ି ଅନ୍ୟ କେଉଁଠି ଯେ ସ୍ଥାୟୀ ଘର କରି ରହିହେବ -ଦିନେ ଏକଥା ଥିଲା କଳ୍ପନାର ବାହାରେ। ମାତ୍ର ପାଶ୍ଚାତ୍ୟ ସଂସ୍କୃତି ପ୍ରଭାବରେ ଭାବନା ବଦଳିବା ସହିତ ଦୋହଲିଗଲା ଯୌଥ ପରିବାରର ମୂଳଦୁଆ। ଆଧୁନିକ ଶିକ୍ଷାର ପ୍ରସାର ଓ ଦ୍ରୁତ ସହରୀକରଣ ପରେ ବଦଳିଲା ପାରିବାରିକ ସମ୍ପର୍କର ସଂଜ୍ଞା। ବ୍ୟକ୍ତି








କୈନ୍ଦ୍ରିକତା ଓ ଭୋଗବାଦୀ ମାନସିକତା ଯୋଗୁଁ ଭାଙ୍ଗିଲା ଏକାନ୍ନବର୍ତ୍ତୀ ପରିବାର। ଗାଁ'ରେ ଡାକ୍ତରଖାନା ଓ ଭଲ ସ୍କୁଲ ଆଦି ନଥିବା ଆଳରେ ଆରମ୍ଭ ହେଲା ଗାଁ ଛାଡ଼ି ଚାକିରିଆ ସ୍ୱାମୀ ସହିତ ସହରରେ ରହିବାର ପରମ୍ପରା। ଦାମ୍ପତ୍ୟର ରମ୍ୟ ବିଲୀନତା ଭିତରୁ ବାହାରି ମହୁ ଜୁଡୁବୁଡୁ ପରକୀୟା ପ୍ରୀତି ସପକ୍ଷରେ ଯୁକ୍ତି ବାଢ଼ିବାର ସାହସ ସଞ୍ଚୟ କଲା ନାରୀ। ଆଗଭଳି ମନକୁ ଆଉ ଆଲୋଡ଼ିତ କଲା ନାହିଁ ପାରିବାରିକ ସଂସ୍କାର, ଶାରୀରିକ ଶୁଦ୍ଧତା ଓ ପତିପ୍ରାଣତା ଆଦି ଆଦର୍ଶଗତ ପ୍ରଶ୍ନ। କଳୁଷିତ ହେଲା ଦାମ୍ପତ୍ୟ ସମ୍ପର୍କ।

ଶୈଶବରେ ପଡ଼େ ମଣିଷପଣିଆର ମୂଳଦୁଆ। ଏଇଠି ଥାଏ ଚରିତ୍ର ଗଢ଼ଣର ଦେଇପିଣ୍ଡି। ଆଗେ ପିଲାମାନେ ଜେଜେମା ପାଖରେ ବସି ଶୁଣୁଥିଲେ ଗପ, ଯେଉଁ ଗପରେ ଥିଲା ମଣିଷ ଗଢ଼ିବାର ଅସଲ ସୂତ୍ର। ଜେଜେମା ଗପ ଆରମ୍ଭ କରିବା ପୂର୍ବରୁ ସେ ଏକାଠି ବସାଉଥିଲେ ସବୁ ପିଲାଙ୍କୁ। ଏପରିକି ପରିବାରର ସବା ସାନପିଲାଟି ନ ଆସିବା ଯାଏ ଆରମ୍ଭ କରୁନଥିଲେ ଗପ। ଏହାଦ୍ୱାରା ପିଲାମାନେ ଶିଖୁଥିଲେ ଏକତା ଓ ସହଭାଗିତାର କଥା। ଏହାକୁ କୁହାଯାଏ ପରିବାରର ସଂସ୍କାର। ପ୍ରତ୍ୟେକ ପିଲା ସଂସ୍କାରିତ ହୋଇ ସମାଜ ପାଇଁ ସମର୍ପିତ ହେଉ ଏହା ହିଁ ସମାଜର ଆବଶ୍ୟକତା। ମାତ୍ର ଯେଉଁ ପରିବାର ଥିଲା ସଂସ୍କାରର ପ୍ରଥମ ବିଦ୍ୟାଳୟ, ସେଠାରେ ଏବେ ପିଲାଙ୍କୁ ଆକ୍ରାନ୍ତ କରୁଛି ଆତ୍ମକୈନ୍ଦ୍ରିକ ଭାବନା। ତ୍ୟାଗ ପରିବର୍ତ୍ତେ ତାକୁ ଶିଖେଇ ଦିଆଯାଇଛି ଭୋଗବାଦର ମନ୍ତ୍ର। ଭବିଷ୍ୟତରେ ସେମାନଙ୍କ ଭୋଗବାଦୀ ମାନସିକତା ଆଗରେ କୌଣସି ମୂଲ୍ୟ ବହନ କରୁନି ପାରିବାରିକ ସୌହାର୍ଦ୍ଦ୍ୟ।

କାଳିନ୍ଦୀ ଚରଣ ପାଣିଗ୍ରାହୀଙ୍କ 'ମାଟିର ମଣିଷ' ସମୟରୁ ତ ଭାଙ୍ଗିବା ଆରମ୍ଭ କରିଥିଲା ଆମ ଯୌଥ ପରିବାର। ଏବେ ପୁଣି ଏକକ ପରିବାର ଭିତରେ ପତିପତ୍ନୀର ସମ୍ପର୍କ ଶ୍ୱାସରୁଦ୍ଧ। ପରିବାର ଭିତରକୁ ଆସୁଥିବା ସବୁ ବିପଦକୁ ସମ୍ଭାଳି ନେଉଥିଲେ ବୟସ୍କ ଗୁରୁଜନମାନେ। ଏବେ ସେମାନଙ୍କ ପାଖରୁ ଦୂରେଇ ରହିବା ଫଳରେ ଅଣୁ ପରିବାର ଭିତରେ ବଢୁଛି ଆଦର୍ଶ ସଙ୍କଟ। ପାଖରେ ମୁରବି ନ ଥିବାରୁ ପତିପତ୍ନୀ ଉଭୟ ନିଜ ହାତରେ ଚଉଦପା। ଶୃଙ୍ଖଳା ଓ ଅନୁଶାସନ ଅଭାବରୁ ଶିଥିଳ ହେଉଛି ବନ୍ଧନ। କେଉଁଠି ଗର୍ଭଧାରଣକୁ କେନ୍ଦ୍ରକରି ମତାନ୍ତର ହେଲାଣି ତ କେଉଁଠି ପିଲାର ଦାୟିତ୍ୱକୁ ନେଇ ଲାଗିରହୁଛି ଅଶାନ୍ତି। ସମାଜରେ କ୍ରମାଗତ ବଢୁଛି ପାରିବାରିକ ହିଂସା। ■

ଅବସରପ୍ରାପ୍ତ ଅଧ୍ୟକ୍ଷ
ବିଜୁପଟ୍ଟନାୟକ ନଗର, ଭଦ୍ରକ, ମୋ: ୬୩୭୧୬୪୨୪୬୪



# ନୀତି ଅନୀତି ରାଜନୀତି

ଶ୍ରୀବିଦୁର



## ଲଗ୍ନ ଖୋଜୁଛନ୍ତି ମୁଖିଆ

ପନ୍ଦର ସଂକ୍ରାନ୍ତି ବିତିଲାଣି । ଉପକୂଳରେ ଦି'ଟା ରଜ ଗଲାଣି, ପଶ୍ଚିମ ଓଡ଼ିଶାବାସୀ ଦି'ଟା ନୂଆଁଖାଇ ପାଳି ସାରିଲେଣି, ଗୋଟେ ଦଶହରା ଯାଇ ଆଉ ଗୋଟେ ଦଶହରା ହେବାକୁ ବସିଲାଣି । ପଦ୍ମ ସରକାର ମୁଖିଆ ଆଉ ଦଳ ମୁଖିଆ ଯା ଭିତରେ ପନ୍ଦର ଥର ଦିଲ୍ଲୀ ଯାଇ ବୁଲି ଆସିଲେଣି, ହେଲେ ଭଣ୍ଡାର ଘର ଗମ୍ଭୀରା ଭିତରେ ଥିବା ପସରାରୁ ଗୋଟିଏ ବି ମୁଆଁ ଆଶାୟୀଙ୍କୁ ବଣ୍ଟା ହୋଇ ପାରିଲା ନାହିଁ । ନିଗମ ଚୌକିକୁ ଚାହିଁ ଚାହିଁ କିଛି ଆଶାୟୀଙ୍କ ଆଖିରୁ ପାଣି ମରିଗଲାଣି ତ ଆଉ କିଛି ନେତା ହୁଙ୍କୁହୁଙ୍କୁ ହୋଇ ଢୁଳି ପଡ଼ିଗଲେଣି । ଏପଟେ ବିନା ମୁଣ୍ଡରେ ଶୋଭା ପାଉଥିବା ମନ୍ତ୍ରୀ ପରିଷଦର ଛଅଟି ପଗଡ଼ି ଭିଡ଼ିବାକୁ ଛଅ ଗଣ୍ଡା ନେତା ଆତୁର ହୋଇ ଚାହିଁ ବସିଛନ୍ତି । ଦଳର ନେତାମାନଙ୍କ ମଧ୍ୟରେ ଗୋଷ୍ଠୀ ବିବାଦ ଯୋଗୁଁ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ହେଉ ନାହିଁ ଓ ନିଗମ ମୁଖିଆଙ୍କ ନିଯୁକ୍ତି ହୋଇ ପାରୁନାହିଁ ବୋଲି ସାଧାରଣରେ ଚର୍ଚ୍ଚା ଦାନା ବାନ୍ଧିଲାଣି; ହେଲେ ରାମମନ୍ଦିର ଆଖଡ଼ାର ପଦୁଅଁ ମୁଖିଆ ଭଣ୍ଡାର ଘର ଚାବି ଖୋଲୁ ନାହାନ୍ତି । ରାଇଜ ମୁଖିଆ ଦିଲ୍ଲୀରୁ ଫେରିବା ବେଳେ ଗେଣ୍ଡୁମାଳ ଧରି ନେତାମାନେ ଏରୋଡ୍ରମରେ ପହଞ୍ଚି ଯାଉଛନ୍ତି, ମାତ୍ର ଦଳ ମୁଖିଆଙ୍କ ବେଳକୁ କାହାରି ଦେଖା ନାହିଁ ? ଏଥିରେ କିଏ ମନଉଣା ନ କରିବ ? ତେଣୁ ଯେ ପର୍ଯ୍ୟନ୍ତ ଶୁଭଲଗ୍ନ ଆସିନାହିଁ, ସେ ପର୍ଯ୍ୟନ୍ତ ଗାଞ୍ଜିଆରୁ ଚାବି ନେଇକା କାଢ଼ିବେ ନାହିଁ ବୋଲି କୁଆଡେ ମୁଖିଆ ମନସ୍ଥ କରିଛନ୍ତି । ଏପଟେ ଦଳର କିଛି ନେତା ବୁଲିବୁଲି ମନମୋହନ ମନ୍ତ୍ର ଜପୁଥିଲେ ବି ନିଷ୍ଠୁର ମୁଖିଆଙ୍କ ହୃଦୟ ତରଳୁ ନାହିଁ । ଏବେ ମୁଖିଆ କହୁଛନ୍ତି- ଠିକ୍ ସମୟ ଆସିଲେ ଠିକ୍ ନିଷ୍ପତ୍ତି ନିଆଯିବ । ମାତ୍ର ମୁଖିଆଙ୍କ ସେହି ଠିକ୍ ସମୟ କେବେ ଆସିବ କେଜାଣି ? ■



## ବିଜୁଳି ବି ପରଦେଶୀ !

ବଡ଼ସାହିର ବିଜୁଳି ବୀର ସନାତନ ଭାରି ମେଳାପୀ ମଣିଷ । ସେ ସାଧାରଣ ଲୋକଙ୍କ ସହ ସହଜରେ ମିଶି ଯାଆନ୍ତି ଓ ତାଙ୍କ ବିଷୟରେ କିଏ କ'ଣ କହିଲା, ସେ କଥା ମନରେ ଧରନ୍ତି ନାହିଁ । ତାଙ୍କୁ ଭଲ ପାଉଥିବା କର୍ମୀ ଓ ସାଧାରଣ ଲୋକଙ୍କ ମନରେ ତାଙ୍କର ଗୋଟାଏ ନିରାସକ୍ତ ଛବି ଛପେଇ ହୋଇ ଯାଇଛି । ମାତ୍ର ବିଜୁଳିବାବୁଙ୍କ ମନ ଭିତରେ ପୂନେଇଁ ରାତିରେ ସମୁଦ୍ର ପରି ଅନେକ ଅକୁହା ଦୁଃଖ ଯେ ଅହର୍ନିଶି ଲହରୀ ଭାଙ୍ଗୁଛି ଏ କଥା ଖୁବ୍ କମ୍ ଲୋକ ଜାଣନ୍ତି । ସନାତନ ବାବୁ ଦି' ଦି' ଥର ଏମେଲେ ହେଲେଣି । ୨୦୧୯ ରେ ସେ ବିଧାନସଭାକୁ ନିର୍ବାଚିତ ହୋଇଥିଲେ ଓ ପୁଣି ୨୦୨୪ରେ ବିଧାନସଭାକୁ ପ୍ରବେଶ କରିଛନ୍ତି । ରାଜ୍ୟରେ ଆଙ୍ଗୁଳି ଗଣତି ଯେଉଁ କିଛି ନେତା ପଚାଶ ପ୍ରତିଶତରୁ ଊର୍ଦ୍ଧ୍ୱ ଭୋଟ ପାଇ ବିଜୟୀ ହୋଇଥିଲେ, ସେମାନଙ୍କ ମଧ୍ୟରୁ ସନାତନ ହେଉଛନ୍ତି ଜଣେ । ଏହି ଦୃଷ୍ଟିରୁ ମନ୍ତ୍ରୀ ପଦ ଦାବିଦାର ସୂଚୀରେ ତାଙ୍କ ନାମ ସର୍ବାଗ୍ରେ ରହିବା କଥା । ମାତ୍ର କ୍ରମାଗତ ନିର୍ବାଚନ ହାରିହାରି ପ୍ରଥମଥର ବିଧାନସଭାରେ ପ୍ରବେଶ କରିଥିବା ନେତାଙ୍କୁ କ୍ୟାବିନେଟ ପାହ୍ୟା ମିଳିଥିବାବେଳେ ସନାତନଙ୍କୁ କ୍ୟାବିନେଟ୍ ତ ଦୂରର କଥା ରାଷ୍ଟ୍ରମନ୍ତ୍ରୀ ପଦଟିଏ ବି ମିଳିଲା ନାହିଁ । ଏଥିରେ କାହା ମନ ଦୁଃଖ ନ ହେବ କହିଲେ ? ସନାତନଙ୍କୁ ଭଲ ପାଉଥିବା ଲୋକ ଓ ତାଙ୍କ ଅନୁଗତ ମାନେ ଯାକୁ ନେଇ ଭାରି ଅସନ୍ତୁଷ୍ଟ । ଦଳର ନେତାମାନେ ପରଦେଶୀ ବୋଲି ବିଚାର କରି ତାଙ୍କୁ ଉପେକ୍ଷା କରିବା କୁଆଡ଼େ ସନାତନଙ୍କ ମନ ଭାଙ୍ଗି ଦେଇଛି । ତେଣୁ ସୋରେନ୍‌ଙ୍କ ପରି ସିଏ ସିଧାସଳଖ ମନ୍ତ୍ରୀ ପଦ ଦାବି କରିବା ପରିବର୍ତ୍ତେ ଆଜିକାଲି କୁଆଡ଼େ 'ମୁଁ ପରଦେଶୀ ଚଢ଼େଇ...' ଗୀତ ଗାଇ ମନକୁ ଭୁଲାଇବାକୁ ଚେଷ୍ଟା କରୁଥିବା ଶୁଣିବାକୁ ମିଳୁଛି । ■



## ଚାଟଶାଳୀରେ ରାଜନୀତି

ଏକ ସମୟରେ ସହିଦନଗର ଥିଲା ରାଜଧାନୀର ପ୍ରମୁଖ ଚାଟଶାଳୀ । ସହିଦନଗର ଚାଣକ୍ୟଙ୍କଠାରୁ ରାଜନୀତି ଜ୍ଞାନ ନେବା ପାଇଁ ଦିନରାତି ସେଠି ଧାଡ଼ି ଲାଗୁଥିଲା । ଆଜିକାଲି ସେପରି ବଡ଼ ଚାଟଶାଳୀ ଆଉ ପ୍ରାୟ ଦେଖା ଯାଉନାହିଁ । ଏବେ ରାଜଧାନୀରେ ଯେଉଁ କେତୋଟି ଛୋଟଛୋଟ ଚାଟଶାଳୀ ଅଛି ସେଥି ମଧ୍ୟରୁ ସୂର୍ଯ୍ୟନଗରର ଜେନା ଚାଟଶାଳୀର ଡ଼ିମାଣ୍ଡ ଭାରି କୁଆଡ଼େ ଭାରି ବେଶୀ । ଭ୍ରାତୃ ଅପମାନର ପ୍ରତିଶୋଧ ସ୍ୱରୂପ ତିନିଥର ବିଧାୟକ ଓ ଚାରିଥର ସାଂସଦ ଜେନା ମାଷ୍ଟ୍ରେଙ୍କୁ ସାତବର୍ଷ ତଳେ ଦଳର ଇସ୍ତାହାର କମିଟିରୁ ବହିଷ୍କାର କରିଥିଲେ ତତ୍‌କାଳୀନ ମାଷ୍ଟରକ୍ୟାଣ୍ଟିନ ମଠ ମହନ୍ତ । ଯା' ପରେ ଜେନା ମାଷ୍ଟ୍ରେ ଦଳ ସହ ସବୁ ସମ୍ପର୍କ ତୁଟାଇ ଦେଇଥିଲେ; ମଠ ମହନ୍ତଙ୍କୁ 'ଧନପଶୁ' ବୋଲି ଆକ୍ଷେପ କରି ଦଳର ସବୁ ପଦ ପଦବୀ ତ୍ୟାଗ କରିଥିଲେ । ଅନେକ ଭାବିଥିଲେ ଜେନା ମାଷ୍ଟ୍ରେ ଅବସର ନେଇଗଲେ । ମାତ୍ର ଗଲା ସନ ଠିକ୍ ଭୋଟ ପୂର୍ବରୁ ଜେନାମାଷ୍ଟ୍ରେ ମଠକୁ ପ୍ରତ୍ୟାବର୍ତ୍ତନ ପରେ ତାଙ୍କ ଚାଟଶାଳୀରେ ବଢ଼ିବଢ଼ି ଚାଲିଛି ଭିଡ଼ । ଏକଦା ତାଙ୍କଠାରୁ ନିରାପଦ ଦୂରତା ଅବଲମ୍ବନ କରୁଥିବା ନେତାମାନେ ସୂର୍ଯ୍ୟନଗର ଚାଟଶାଳୀର ନିୟମିତ ଚାଟ, ଆଉ ଜେନା ମାଷ୍ଟ୍ରେ କାନ୍ଧରେ ଧଳା ଗାମୁଛା ପକାଇ ଦାନ୍ତ ଖୁଣ୍ଟୁଖୁଣ୍ଟୁ ତିନି ଓଳି ଚାଟମାନଙ୍କୁ ରାଜନୀତିର ଗହନ ପାଠ ପଢ଼ାଉଛନ୍ତି । ସକାଳେ, ଖରାବେଳେ ଭିଡ଼ ଟିକେ କମ୍ ହେଉଛି ସିନା; ହେଲେ ସଞ୍ଜବେଳେ ବସିବା ପାଇଁ କୁଆଡ଼େ ଚାଟମାନଙ୍କୁ ଚୌକି ମିଳୁନାହିଁ । ହେଲେ ମାଷ୍ଟ୍ରେଙ୍କ ସଞ୍ଜବେଳିଆ କୋଚିଂ କ୍ଲାସରେ ହାତ ପାର୍ଟିଆ ଚାଟଙ୍କ ଭିତରେ ବେଳେବେଳେ ଆଠଗଡ଼ ଅଞ୍ଚଳର ଜଣେ ଅଣ ହାତପାର୍ଟିଆ ପୁରୁଖା ଚାଟଙ୍କ ଉପସ୍ଥିତି କାହିଁକି କେଜାଣି ଅନେକଙ୍କୁ ହଜମ ହେଉନାହିଁ । ■



## ଶତ୍ରୁର ଶତ୍ରୁ ବନ୍ଧୁ ପରି

ଯେବେଠାରୁ ରାଜଧାନୀର ଷଡ଼ଙ୍ଗୀ ମ୍ୟାଡ଼ାମ ବେଗୁନିଆ ବିଧାନସଭା ଆସନ ଉପରେ ଆଖି ପକାଇଲେଣି, ସେବେଠାରୁ ପ୍ରକାଶଙ୍କ ଆଖିରୁ ନିଦ ହଜିଯାଇଛି । ଗଲା ନିର୍ବାଚନରେ ପ୍ରକାଶ ବେଗୁନିଆରୁ ପଦ୍ମ ଦଳର ପ୍ରାର୍ଥୀ ହେଲେ, ଷଡ଼ଙ୍ଗୀ ମ୍ୟାଡ଼ାମ୍‌ଙ୍କ ପାଇଁ ଘମାଘୋଟ ପ୍ରଚାର ଚଳାଇଲେ । ନିର୍ବାଚନରେ ଷଡ଼ଙ୍ଗୀ ମ୍ୟାଡ଼ାମ୍ ଜିତି ସଂସଦକୁ ଗଲେ, ହେଲେ ତାଙ୍କ ପାଇଁ ବିଜୁଳି ପରି କାମ କରିଥିବା ପ୍ରକାଶଙ୍କୁ ଭୂଲିଗଲେ । ଏତିକିରେ କଥା ଅଟକିଥିଲେ ଚଳିଥାଆନ୍ତା, ମାତ୍ର ମ୍ୟାଡ଼ାମଙ୍କ ସମର୍ଥକମାନେ ତାଙ୍କୁ ଯେବେ ଖୋର୍ଦ୍ଧାରେ ମାରପିଟ୍ କଲେ ସେବେଠାରୁ ଷଡ଼ଙ୍ଗୀ ମ୍ୟାଡ଼ାମଙ୍କ ସହ କଟି ପକାଇ ଦେଇଛନ୍ତି ପ୍ରକାଶ । ଶତ୍ରୁର ଶତ୍ରୁ ବନ୍ଧୁ ନ୍ୟାୟରେ ପ୍ରକାଶ ଏବେ ଯତୀନଙ୍କ ସହ ମିତ ବସିଛନ୍ତି । ନିକଟରେ ଏକ କାର୍ଯ୍ୟକ୍ରମରେ ପ୍ରକାଶ ଓ ଯତୀନ ମିଳିତ ଜିପ୍ ଶୋଭାଯାତ୍ରା କରି ଷଡ଼ଙ୍ଗୀ ମ୍ୟାଡ଼ାମଙ୍କୁ ଦେଇଛନ୍ତି ଖୋଲା ଆହ୍ୱାନ । ୨୦୧୪ରେ ପଦ୍ମ ଦଳର ପ୍ରାର୍ଥୀ ହୋଇଥିଲେ ଯତୀନ, ମାତ୍ର ୨୦୧୯ ରେ ପ୍ରମୁଖ ଦାବିଦାର ଯତୀନଙ୍କ ପରିବର୍ତ୍ତେ ନିଜ ଅନୁଗତ ଋଷଭଙ୍କୁ ବେଗୁନିଆରୁ ମ୍ୟାଡ଼ାମ ଟିକଟ ଦେବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ । ୨୦୨୪ରେ ପରିସ୍ଥିତି ବଦଳି ଗଲା ଓ ପ୍ରକାଶ ବିଜୁଳି ପଦ୍ମ ଦଳର ବିଧାୟକ ପ୍ରାର୍ଥୀ ହେଲେ । ଶୁଣିବା କଥା ହେଲା ତାଙ୍କୁ କଣ୍ଠେଇ କରି ମ୍ୟାଡ଼ାମ ବେଗୁନିଆରେ ନିଜ ଆସ୍ଥାନ ଜମାଇବାକୁ ଚଳାଇଥିବା ଉଦ୍ୟମ କଥା ଯେବେ ପ୍ରକାଶ ଜାଣି ପାରିଲେ, ସେବେଠାରୁ ଦିହିଁଙ୍କ ମଧ୍ୟରେ ନାଗନାଡ଼ି । ମ୍ୟାଡ଼ାମ ତାଙ୍କ ପ୍ରତିନିଧିଙ୍କ ଜରିଆରେ ବେଗୁନିଆ ଦଖଲ ଯୋଜନା ଚଳାଇଛନ୍ତି ଆଉ ଏପଟେ ମ୍ୟାଡ଼ାମଙ୍କ ଦୁଷ୍‌ମନ୍ ଯତୀନଙ୍କ ସହ ହାତ ମିଳାଇଛନ୍ତି ପ୍ରକାଶ । ସେଇଥିପାଇଁ ପରା କୁହାଯାଏ- ଶତ୍ରୁର ଶତ୍ରୁ ବନ୍ଧୁ । ■

ଏହା ଏକ ବ୍ୟଙ୍ଗାତ୍ମକ ଆଲେଖ୍ୟ । ଏହାଦ୍ୱାରା କାହାର ସମ୍ମାନହାନି କରିବା ଆମର ଉଦ୍ଦେଶ୍ୟ ନୁହେଁ । ସାମ୍ପ୍ରତିକ ରାଜନୈତିକ ସ୍ଥିତିକୁ ମନୋରଞ୍ଜନ ଶୈଳୀରେ ପାଠକଙ୍କ ସାମ୍ନାକୁ ଆଣିବା ଏହାର ଏକମାତ୍ର ଲକ୍ଷ୍ୟ ।